## ଆଜି କ'ଣ କେଉଁଠି

ସିମୁଳିଆ
- କାଞ୍ଚନକମଳା ଉଚ୍ଚ ବିଦ୍ୟାଳୟ ଓ କାଞ୍ଚନବାଳା ନୋଡାଲ ବିଦ୍ୟାଳୟର ୩୯ତମ ବାର୍ଷିକ ଉତ୍ସବ, ରାମକୃଷ୍ଣପୁର, ପୂର୍ବାହ୍ନ ୧୧ଟା।
- ବଳଦେବଜୀଉ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ଈଶ୍ୱରପୁର, ପୂର୍ବାହ୍ନ ୧୧ଟା।

# ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାରରେ ବିଭ୍ରାଟ

**ଖଇରା, ୧୭।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାରରେ ବିଭ୍ରାଟ ଦେଖାଦେଇଛି। ଏଥିଯୋଗୁ ଅସ୍ତ୍ରୋପଚାର ପାଇଁ ଆସିଥିବା ମହିଳା ଓ ସେମାନଙ୍କର ଅଭିଭାବକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

ଗୁରୁବାର ଅସ୍ତ୍ରୋପଚାର ପାଇଁ ମହିଳାମାନଙ୍କୁ ସକାଳେ ଆସିବାକୁ ବିଭିନ୍ନ ଆଶା କର୍ମୀଙ୍କ ଦ୍ୱାରା ଖବର ଦିଆଯାଇଥିଲା। ସକାଳ ୮ଟାରେ ୭୦ରୁ ଊର୍ଦ୍ଧ୍ୱ ମହିଳା ଅସ୍ତ୍ରୋପଚାର ପାଇଁ ଆସି ଅପେକ୍ଷା କରିଥିଲେ। ଅସ୍ତ୍ରୋପଚାର ପାଇଁ ଦାୟିତ୍ୱରେ ଥିବା ୨ଜଣ ଡାକ୍ତର ଅପରାହ୍ନରେ ପହଞ୍ଚି ଅସ୍ତ୍ରୋପଚାର ଆରମ୍ଭ କରିଥିଲେ। ସନ୍ଧ୍ୟା ହେବା କାରଣରୁ ଦୂରରୁ ଆସିଥିବା ମହିଳାମାନେ ପଳାଇଥିଲେ। ସେପଟେ ଅସ୍ତ୍ରୋପଚାର ପରେ ମହିଳାମାନଙ୍କୁ ତଳ ଚଟାଣରେ ଶୁଆଇ ଦିଆଯିବା ବିଭାଗର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସେହିଭଳି ଅସ୍ତ୍ରୋପଚାର ପରେ ଗାଡିରେ ୪ଜଣଙ୍କୁ ନେଇ ଯିବା ସ୍ଥାନରେ ଗୋରୁ ବୋଝେଇ କରି ୭ରୁ ୮ଜଣ ନିଆଯିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ ମଧ୍ୟ ଅନ୍ୟ ଉପାୟ ନ ପାଇ ସେଥିରେ ଯିବାକୁ ବାଧ୍ୟ ହୋଇଥିଲେ। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଅଧିକାରିଣୀ(ପିଏଚଓ) ସଞ୍ଜୁକ୍ତା ପଣ୍ଡାଙ୍କୁ ପଚାରିବାରେ ଡାକ୍ତରମାନେ ସାମାନ୍ୟ ବିଳମ୍ବରେ ପହଞ୍ଚିବାରୁ ସାମାନ୍ୟ ଅସୁବିଧା ଦେଖାଦେଇଥିଲା। ତେବେ ସମସ୍ତଙ୍କୁ ଛାଡିବାର ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି।



ଡାକ୍ତରଖାନା ଚଟାଣରେ ଅସ୍ତ୍ରୋପଚାର ପରେ ମହିଳାମାନଙ୍କୁ ଶୁଆଇ ଦିଆଯାଇଛି।

## ଜଳେଶ୍ୱର ପୌରପରିଷଦ ପକ୍ଷରୁ ସଫେଇ

**ଜଳେଶ୍ୱର, ୧୭।୧(ସ୍ୱ.ପ୍ର.):** ଜଳେଶ୍ୱର ପୌରପରିଷଦ ପକ୍ଷରୁ ଶୁକ୍ରବାର ସଫେଇ ଅଭିଯାନକୁ ବିଧାୟକ ଅଶ୍ୱିନୀ କୁମାର ପାତ୍ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ବାଲେଶ୍ୱର ଉପଜିଲାପାଳ ତଥା ପୌରପ୍ରଶାସକ ନିଲୁ ମହାପାତ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର, ପୂର୍ବତନ ନଗରପାଳ ପ୍ରଦୀପ ପ୍ରଧାନ, ପୂର୍ବତନ କାଉନ୍‌ସିଲର ପ୍ରତୀପ କୁମାର ପ୍ରଧାନ, ଗୁରୁପ୍ରସାଦ ସାମନ୍ତ, ଅର୍ଚ୍ଚନା ଗିରି, ହରିଶ ପ୍ରଧାନ, ବିଜୟ କାମିଲା ପ୍ରମୁଖଙ୍କ ସହିତ ଲିପ୍‌ସ୍‌ର ନିର୍ଦ୍ଦେଶକ ପରମେଶ୍ୱର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରେ ୫୦ରୁ ଊର୍ଦ୍ଧ୍ୱ ସୁଇପର ଜଳେଶ୍ୱର ସହର ପରିକ୍ରମା କରି ସହରବାସୀଙ୍କୁ ସ୍ୱଚ୍ଛଭାରତ ଅଭିଯାନ ସମ୍ପର୍କରେ ସଚେତନ କରିଥିଲେ।

## ଯୁବକଙ୍କୁ ଥାନାରେ ଜିମା ଦେଲେ ଲୋକେ

**ବସ୍ତା,୧୭।୧(ଡି.ଏନ.ଏ.):** ବସ୍ତା ଥାନା ଅନ୍ତର୍ଗତ ଅମର୍ଦ୍ଦାରୋଡ ଷ୍ଟେଶନରେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଜଣେ ଯୁବକଙ୍କୁ ଅଞ୍ଚଳବାସୀ ବସ୍ତା ଥାନା ଜିମା ଦେଇଛନ୍ତି। ପୋଲିସ ଏହାର ତଦନ୍ତ କରି ଯୁବକଜଣଙ୍କୁ ତାଙ୍କ ଘରକୁ ଯିବାର ବ୍ୟବସ୍ଥା କରିଛନ୍ତି। ରବିବାର ଅମର୍ଦ୍ଦାରୋଡ ରେଳ ଷ୍ଟେଶନରେ ଝାଡ଼ଖଣ୍ଡର ଗିରଡ଼ିହ ଥାନା ଅନ୍ତର୍ଗତ କଚାଗଡ଼ା ଗ୍ରାମର ହପନ ସୋରେନଙ୍କ ପୁଅ ସୌଭିକ ସୋରେନ ଏଣେତେଣେ ସନ୍ଦେହଜନକ ଭାବେ ବୁଲୁଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଅଟକ ରଖି ପୋଲିସ ଜିମା ଦେଇଥିଲେ। ପୋଲିସ ସୌଭିକଙ୍କୁ ଥାନାକୁ ଆଣି ପଚାରାଉଚରା କରିଥିଲା। ସେ ଗୋଆରେ ଏକ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ କୌଣସି ଏକ ଏକ୍ସପ୍ରେସରେ ଘରକୁ ଫେରୁଥିବା ବେଳେ ଟ୍ରେନ୍ ଅମର୍ଦ୍ଦାରୋଡ ରେଳଷ୍ଟେଶନରେ ଅଟକି ଯାଇଥିଲା। ସେହି ସମୟରେ ଯୁବକଜଣକ ଓହ୍ଲାଇପଡ଼ିଥିଲେ। ତାଙ୍କ ନିକଟରୁ କିଛି ଟଙ୍କା ବାହାରିଥିବା ବେଳେ ସେ ନୋଟ ସବୁ ଜାଲ୍ ହୋଇ ନ ଥିବା ପୋଲିସ ଜାଣିବାକୁ ପାଇଥିଲା। ତେବେ ଯୁବକ ଜଣକ ବୋକା ପ୍ରକୃତିର ହୋଇଥିବାରୁ ତାଙ୍କ ପରିଚୟ ପାଇସାରିବା ପରେ ପୋଲିସ ତାଙ୍କୁ ଘରକୁ ଯିବାର ବ୍ୟବସ୍ଥା କରିଛି।



ଜଳେଶ୍ୱର ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଆୟୋଜିତ ଶୋଭାଯାତ୍ରାକୁ ଏସ୍‌ଡିପିଓ ଅଙ୍କିତା କୁମ୍ଭାର ଶୁଭାରମ୍ଭ କରୁଛନ୍ତି।

# ସଚେତନତା ଦ୍ୱାରା ହ୍ରାସ ପାଇବ ଦୁର୍ଘଟଣା

**ଜଳେଶ୍ୱର,୧୭।୧(ଡି.ଏନ.ଏ.)**

ଜଳେଶ୍ୱରରେ ଗୁରୁବାର ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଜଳେଶ୍ୱର ଘରୋଇ ବସ୍ ମାଲିକ ସଂଘ ସୌଜନ୍ୟରେ ଆୟୋଜିତ ସଚେତନତା ଶୋଭାଯାତ୍ରାକୁ ଏସ୍‌ଡିପିଓ ଅଙ୍କିତା କୁମ୍ଭାର ଜଳେଶ୍ୱର ବସ୍‌ଷ୍ଟାଣ୍ଡଠାରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ଜଳେଶ୍ୱର ଡାକବଙ୍ଗଳାଠାରେ ଅନୁଷ୍ଠିତ ସଚେତନତା ସଭାରେ ଜିଲା ଏମ୍‌ଭିଆଇ ବିଶ୍ୱଜିତ ଦାସ, ଟ୍ରାଫିକ୍ ଇନ୍ସପେକ୍ଟର ସୁକୁରାମ ସୋରେନ, ଜଳେଶ୍ୱର ଆଇଆଇସି ଧନେଶ୍ୱର ସାହୁ, ଜଳେଶ୍ୱର ଘରୋଇ ବସ୍ ମାଲିକ ସଂଘ ସଭାପତି ସୁଧୀର କୁମାର ମହାନ୍ତି, ସମ୍ପାଦକ ହରେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ପ୍ରତିବର୍ଷ ସଡ଼କ ଦୁର୍ଘଟଣାରେ ୫୨ଲକ୍ଷ ଲୋକ ପ୍ରାଣ ହରାଉଥିବା ବେଳେ ଏହି ସଚେତନତା ଦ୍ୱାରା ଦୁର୍ଘଟଣା ଓ ମୃତ୍ୟୁ ହାର କମାଇବା ଏହାର ଲକ୍ଷ୍ୟ ବୋଲି ମତ ପ୍ରକାଶ କରିଥିଲେ। ଗାଡ଼ି ଚଳାଇବା ବେଳେ ହେଲମେଟ୍, ସିଟ୍ ବେଲ୍ଟ ବ୍ୟବହାର କରିବା, ନିଜ ପାଖରେ ଆବଶ୍ୟକ କାଗଜପତ୍ର ରଖିବା, ମଦ୍ୟପାନ କରି ଗାଡି ନ ଚଳାଇବା, ଗାଡି ଚଳାଇବା ବେଳେ ମୋବାଇଲ ବ୍ୟବହାର ନ କରିବା, ଦ୍ରୁତଗତିରେ ଗାଡି ଚାଳନା ନ କରିବା, ନାବାଳକମାନଙ୍କୁ ଗାଡ଼ି ଚଳାଇବାରୁ କ୍ଷାନ୍ତ ରଖିବା ଆଦି ନିୟମ ପାଳନ କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବା ପାଇଁ ଆହ୍ୱାନ କରିଥିଲେ। ଦୁର୍ଘଟଣା ସମୟରେ ପୀଡ଼ିତମାନଙ୍କର ଭିଡିଓ ଫଟୋ ଉତ୍ତୋଳନ ନ କରି ସେମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ହସ୍‌ପିଟାଲକୁ ପଠାଇବାକୁ ପରାମର୍ଶ ଦେଇଥିଲେ। ଶେଷରେ ବାଲିଆପାଳ ଅଞ୍ଚଳରୁ ଆସିଥିବା ପାଲା ଗାୟକ ଦଳ ସଡ଼କ ସୁରକ୍ଷା ସଚେତନତା ସମ୍ପର୍କିତ ଏକ ପାଲା ପରିବେଷଣ କରିଥିଲେ।

## ଏବିଭିପିର ଖଇରା ନଗର ସମ୍ମିଳନୀ

**ଖଇରା,୧୭।୧(ଡି.ଏନ.ଏ.):** ଖଇରା ବ୍ଲକ ନଟାପଡା ଛକ ନିକଟରେ ଏବିଭିପି ଖଇରା ନଗର ଶାଖା ତରଫରୁ ମଙ୍ଗଳବାର ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଧ୍ୟାପକ ଆଲୋକ କୁମାର ପଣ୍ଡା, ସମ୍ମାନନୀୟ ଅତିଥି ଭାବେ ଅଜୟ କୁମାର ବେହେରା, ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଜିଲା ସଙ୍ଗଠନର ସମ୍ପାଦକ ସୌଭାଗ୍ୟ ମହାନ୍ତି ପ୍ରମୁଖ ଯୋଗଦେଇ ଏବିଭିପିର ଲକ୍ଷ୍ୟ ବିଷୟରେ ଛାତ୍ରମାନଙ୍କୁ ଅଭିଭାଷଣ ଦେଇଥିଲେ। ଏଥିସହିତ ଖଇରା ନଗର ନୂତନ ଶାଖା ଖୋଲିବା ନେଇ ଘୋଷଣା କରାଯାଇଥିଲା। ସଭାପତି ଭାବେ ଫତେପୁର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଆନନ୍ଦ ଚନ୍ଦ୍ର ନାୟକ, ସମ୍ପାଦକ ଭାବେ ଭରତ ଭୂଷଣ ଦାସ, ସହ ସମ୍ପାଦକ ତ୍ରିଲୋଚନ ବିନ୍ଧାଣୀ, ସୁକାନ୍ତ ସାହୁ ଓ ଚିନ୍ମୟ ସୂତାର, ଛାତ୍ର ସଙ୍ଗଠନର ବିକାଶ ଦାୟିତ୍ୱରେ ସମୀର ତିଆଡ଼ି, ଗଣମାଧ୍ୟମ ପ୍ରମୁଖ ଭାବେ ଅନୀଲ କୁମାର ବାରିକ, ସାମାଜିକ ଗଣମାଧ୍ୟମ ଜିତେନ୍ଦ୍ର ପ୍ରସାଦ ବାରିକ, ଛାତ୍ର ସେବା ପ୍ରମୁଖ ଭାବେ ସ୍ୱାଧିନ ସୂତାର ପ୍ରମୁଖଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

## ସରପଞ୍ଚଙ୍କ ନିଲମ୍ବନ ଉପରେ ହାଇକୋର୍ଟଙ୍କ ରହିତାଦେଶ

**ଜଳେଶ୍ୱର, ୧୭।୧(ସ୍ୱ.ପ୍ର.)**

କେତେକ ଅଭିଯୋଗରେ ଜଳେଶ୍ୱର ବ୍ଲକ କୋଟସାହି ପଞ୍ଚାୟତର ସରପଞ୍ଚ ମଞ୍ଜୁବାଳା ପ୍ରଧାନ ଗତ ୯ତାରିଖରେ ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ସଚିବ ନିଲମ୍ବନ କରିଥିଲେ। ଏହା ବିରୋଧରେ ପଞ୍ଚାୟତ ପକ୍ଷରୁ ୧୪ତାରିଖରେ ରିଟ୍ ପିଟିସନ୍ ୧୯୨୩/୨୦୨୦ ଅପିଲ କରାଯାଇଥିଲା। ଏହି ଅପିଲରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗର ସଚିବ, ଅତିରିକ୍ତ ସଚିବ, ବାଲେଶ୍ୱର ଜିଲାପାଳ, ଜିଲା ପଞ୍ଚାୟତ ଅଫିସର, ଜଳେଶ୍ୱର ବିଡିଓ, କୋଟସାହି ପଞ୍ଚାୟତର ପିଇଓ ଏବଂ ରାଜୀବ କୁମାର ପରିଡାଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଗତ ୧୬ ତାରିଖରେ ହାଇକୋର୍ଟ ଏଥିରେ ରହିତାଦେଶ ଜାରି କରିଛନ୍ତି। ମାମଲାର ଶୁଣାଣି କରା ନ ଯିବା ପର୍ଯ୍ୟନ୍ତ ନିଲମ୍ବନ କରା ନ ଯିବାକୁ ଏଥିରେ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ସରପଞ୍ଚ ମଞ୍ଜୁବାଳା ପ୍ରଧାନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ପଞ୍ଚାୟତର କେତେକ ନ୍ୟସ୍ତସ୍ୱାର୍ଥବ୍ୟକ୍ତି ମିଥ୍ୟା ଆରୋପ ଲଗାଇ ପଞ୍ଚାୟତକୁ ବଦନାମ କରୁଛନ୍ତି।

## ଅସହାୟଙ୍କୁ କମ୍ବଳ ବଣ୍ଟନ

**ଖଇରା,୧୭।୧(ଡି.ଏନ.ଏ.):** ଖଇରା ମହାବିଦ୍ୟାଳୟ ପ୍ରତିଷ୍ଠାର ଅନ୍ୟତମ ପୁରୋଧା ସ୍ୱର୍ଗତ ନଗେନ୍ଦ୍ର ନାଥ ମହାନ୍ତିଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ସ୍ମୃତିସଭା ଖଇରା ଦୁର୍ଗାମଣ୍ଡପ ପରିସରରେ ଗୁରୁବାର ପାଳିତ ହୋଇଯାଇଛି। ପ୍ରତିଭା ପରିବାର ଆନୁକୂଲ୍ୟରେ ଆୟୋଜିତ ସଭାରେ ଚିନ୍ତାମଣି ସାହାଣି ଅଧ୍ୟକ୍ଷତା କରିଥିଲେ। ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ବେଦପାଠ କରିଥିଲେ। ସମ୍ପାଦକ ଉମେଶ ଚନ୍ଦ୍ର ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସ୍ୱର୍ଗତ ମହାନ୍ତି ୧୯୫୦ ମସିହାରେ ଅନ୍ତରାରୁ ଆସି ବାଇମୁଣ୍ଡି ଭାବେ ଖଇରା କଲେଜ, ସଂସ୍କୃତ ଟୋଲ ପ୍ରତିଷ୍ଠା କରିବା ସହ ବାଲେଶ୍ୱର ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ଖଇରା ମୁଖ୍ୟ ଭାବେ ରହି ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ବେଦପାଠ କରିଥିଲେ। ପୁତ୍ର ପଙ୍କଜ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୬ଜଣ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା।

## ସିନୋଟ୍ରାକ୍ ଚ୍ୟାଲେଞ୍ଜ ଟ୍ରଫି: ସେମିରେ ଭଦ୍ରକ

**ରୂପସା, ୧୭।୧(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ବାହାବଳପୁର ୟଙ୍ଗ୍ ଷ୍ଟାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ ସିନୋଟ୍ରାକ ଚ୍ୟାଲେଞ୍ଜ ଟ୍ରଫି - ୨୦୨୦ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ଅଭଣା ଦଳକୁ ୫୧ ରନ୍‌ରେ ପରାସ୍ତ କରି ଭଦ୍ରକ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଭଦ୍ରକ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୧ ରନ୍ କରିଥିଲା। ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ ରନାଲ୍‌ଡୋ ଦାସ ସର୍ବାଧିକ ୭୦ ରନ୍ କରି ଅପରାଜିତ ଥିଲେ। ଅଭଣା ଦଳର ବୋଲର ମନୀଷ ନାୟକ ସର୍ବାଧିକ ୩ ଉଇକେଟ ନେଇଥିଲେ। ଜବାବରେ ଅଭଣା ଦଳ ୧୬.୫ ଓଭରରେ ୧୦୪ ରନ୍ କରି ଅଲ୍ ଆଉଟ ହୋଇଥିଲା। ରନାଲ୍‌ଡୋ ଦାସ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅମ୍ପାୟର ସଞ୍ଜୟ କୁମାର ବେରା ଓ ସବିନ କୁମାର ଜେନା ମ୍ୟାଚ ପରିଚାଳନା କରିଥିଲେ। ସଞ୍ଜୟ କୁମାର ମଣ୍ଡଳ ସ୍କୋରିଂ ଦାୟିତ୍ୱରେ ଥିଲେ। ପ୍ରେମଚାନ୍ଦ ପରିଡା ଖେଳର ଧାରାବିବରଣୀ ଶୁଣାଇଥିଲେ। ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀ ସଂଘର ସଭାପତି ବିକାଶ ଦାସ, ସମ୍ପାଦକ ଗୋରାଚାନ୍ଦ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।



ଅଭିଯାତ୍ରୀମାନଙ୍କୁ ସ୍ୱାଗତ ଉଦ୍ଦେଶ୍ୟରେ ଆୟୋଜିତ ବୈଠକରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

## ଅଭିଯାତ୍ରୀଙ୍କୁ ସ୍ୱାଗତ ପାଇଁ ପ୍ରସ୍ତୁତି

**ବାଲେଶ୍ୱର ଅଫିସ,୧୭।୧**

ମହାତ୍ମା ଗାନ୍ଧୀଙ୍କ ନୀତି ଓ ଆଦର୍ଶକୁ ସମାଜରେ ପ୍ରଚାର ଓ ପ୍ରସାର ପାଇଁ ରାଜ୍ୟ ଗାନ୍ଧୀ ସ୍ମାରକ ନିଧି ସଙ୍ଗଠନ ତରଫରୁ ରାଜ୍ୟ ପରିକ୍ରମା କରୁଥିବା ଅଭିଯାତ୍ରୀମାନଙ୍କୁ ଆସନ୍ତା ୨୦ ତାରିଖରେ ବାଲେଶ୍ୱର ଫକୀରମୋହନ ଗୋଲେଇ ନିକଟରେ ସ୍ୱାଗତ କରାଯିବ। ଏନେଇ ଗୁରୁବାର ସନ୍ଧ୍ୟାରେ ରାଜା ବଗିଚା ମନ୍ଦିର ପରିସରରେ ରାଜେଶ ଗିରିଙ୍କ ଆବାହକତ୍ୱରେ ଏକ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ଜିଲାର ବହୁ ସାମାଜିକ ସଙ୍ଗଠନ ଓ ଗାନ୍ଧିବାଦୀ ବ୍ୟକ୍ତିମାନଙ୍କୁ ନିବେଦନ କରାଯାଇଛି।

ଉକ୍ତ ଦିନ ଫକୀରମୋହନ ଗୋଲେଇଠାରୁ ଅଭିଯାତ୍ରୀମାନଙ୍କୁ ସ୍ୱାଗତ କରି ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ ଅଫିସ୍ ନିକଟକୁ ନିଆଯିବ। ସେଠାରେ ଏକ ପଥପ୍ରାନ୍ତ ନାଟକ ଓ ସଭା ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ବୈଠକରେ ବିଭିନ୍ନ ସଙ୍ଗଠନ ତରଫରୁ ରବୀନ୍ଦ୍ର କୁମାର ରାୟ, ମନୋଜ ନାୟକ, ବିପ୍ଳବ କୁମାର ମହାନ୍ତି, ଭାଗବତ ପ୍ରତିହାରୀ, ପଞ୍ଚାନନ ପରିଡ଼ା, ଅରୁଣ ଜେନା, ଷ୍ଟାଲିନ୍ ମିଶ୍ର, ରବି କୁମାର ପାଣିଗ୍ରାହୀ, ବିମଳ ଦାସ, ଗୌରାଙ୍ଗ ପାଣିଗ୍ରାହୀ ଓ ଶ୍ୟାମସୁନ୍ଦର ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଛାତ୍ରୀଛାତ୍ରଙ୍କ ସଡ଼କ ସୁରକ୍ଷା ସଚେତନତା ରାଲି

**ଖଇରା,୧୭।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗରସଙ୍ଗସ୍ଥିତ ଜମ୍ମେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଗୁରୁବାର ୩୧ତମ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ପ୍ରଥମେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ଗରସଙ୍ଗ ଗ୍ରାମ ପରିକ୍ରମା କରିଥିଲେ। ଏଥିସହ ଲୋକଙ୍କୁ ସଡ଼କ ସୁରକ୍ଷା ଏବଂ ନିରାପଦ ଯାତ୍ରା ସମ୍ପର୍କରେ ସଚେତନ କରାଇଥିଲେ। ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପକ ରାମଚନ୍ଦ୍ର ପାଢୀ ଏହାର ନେତୃତ୍ୱ ନେଇଥିଲେ। ସେହିଭଳି ରବିବାର ଅଧ୍ୟକ୍ଷ ଗଜେନ୍ଦ୍ର ସେନାପତିଙ୍କ ପୌରୋହିତ୍ୟରେ ଜାତୀୟ ଯୁବ ଦିବସ ଉପଲକ୍ଷେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଗଣିତ ବିଭାଗ ଅଧ୍ୟାପକ ପବିତ୍ର ମହାନ୍ତି, ରସାୟନ ବିଭାଗ ଅଧ୍ୟାପକ ପ୍ରତାପ କୁମାର କର ବକ୍ତା ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।




ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଛାତ୍ରୀଛାତ୍ର ଓ ଅଧ୍ୟାପକ।

## ବରିଷ୍ଠ ନାଗରିକଙ୍କ ଫୁଟବଲ ମ୍ୟାଚ

**ରେମୁଣା, ୧୭।୧(ଡି.ଏନ.ଏ.):** ମକର ସଂକ୍ରାନ୍ତିରେ ରେମୁଣା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ରେମୁଣା ସତ୍‌ସଂଗ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ୨୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥିଲେ। ବରିଷ୍ଠ ସଦସ୍ୟ ଶିବ ବିନ୍ଧାଣୀ ଏବଂ ଅବନୀକାନ୍ତ ପ୍ରଧାନ ରେଫରି କାର୍ଯ୍ୟ ତୁଲାଇଥିଲେ। ମଞ୍ଚ ସଭାପତି ଅଧ୍ୟାପକ ପ୍ରଶାନ୍ତ ବରାଳଙ୍କ ସମେତ ଡ. ନରୋତ୍ତମ ପରିଡ଼ା, ଅଜୟ କୁମାର ନାୟକ, କୁଳମଣି ଜେନା, ଜୟନ୍ତ ବରାଳ, ରବିନାରାୟଣ ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ଯୋଗେଶ ଚନ୍ଦ୍ର ବେହେରା, ତରଣୀ ଖିଲାର, ରାମଚନ୍ଦ୍ର ପାତ୍ର, ନିରଞ୍ଜନ ମହାରଣା ଓ ଅବନି ଦତ୍ତ ପ୍ରମୁଖ ଭାଗ ନେଇଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ସୋର, ୧୭।୧(ଡି.ଏନ୍.ଏ.)**

ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଶୁକ୍ରବାର ଅନୁଷ୍ଠାନର ଛାତ୍ରୀମାନେ ହାତରେ ପ୍ଲାକାର୍ଡ ଧରି ସଚେତନତା ସ୍ଲୋଗାନ୍ ଦେଇ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରେ ଅଧ୍ୟକ୍ଷ ଡ. ସଂଜୀବ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅଧ୍ୟାପକ ସୀତାକାନ୍ତ ନାୟକ ଓ ରଞ୍ଜନ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ସଡକ ସୁରକ୍ଷା ନେଇ ବକ୍ତବ୍ୟ ରଖିଥିଲେ। ଯୁବ ରେଡକ୍ରସ୍ ଉପଦେଷ୍ଟା ଅଧ୍ୟାପିକା ଅଞ୍ଜଳି ମହାପାତ୍ର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ମୀନତି ରାଉତ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସମସ୍ତ ଅଧ୍ୟାପିକା, ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଡଗରା ବେଳାଭୂମି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଉପସ୍ଥିତ ଅତିଥି।

# 'ସମ୍ପର୍କ ଯୋଡ଼େ ମହୋତ୍ସବ'

## ଡଗରା ବେଳାଭୂମି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**ବାଲିଆପାଳ, ୧୭।୧(ଡି.ଏନ.ଏ.)**

ମହୋତ୍ସବ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଏକାଠି କରେ। ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି କରେ। ସେହିପରି ମହୋତ୍ସବ ମାଧ୍ୟମରେ ସେ ଅଞ୍ଚଳର ଲୋକଙ୍କର ସମସ୍ୟା, ସୁବିଧା ଅସୁବିଧା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇ ସେସବୁର ସମାଧାନର ବାଟ ବାହାର କରାଯାଇଥାଏ। ଯେଉଁ ପ୍ରତିଭାମାନେ ଲୋକଲୋଚନର ଆଢୁଆଳରେ ରହିଥାନ୍ତି, ସେମାନଙ୍କୁ ମହୋତ୍ସବ ମାଧ୍ୟମରେ ହିଁ ଆଗକୁ ଅଣାଯାଇପାରେ ବୋଲି ଗୁରୁବାର ଡଗରା ବେଳାଭୂମି ମହୋତ୍ସବର ଦ୍ୱିତୀୟ ସାନ୍ଧ୍ୟ ଅଧିବେଶନରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ସହାୟତାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରେସ୍ କ୍ଲବର ସଭାପତି ପ୍ରଫୁଲ୍ଲ କୁମାର ପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଅମରେନ୍ଦ୍ର ଦାସ ମଞ୍ଚ ଆହ୍ୱାନ, ଅଧ୍ୟାପକ ସୁକାନ୍ତ ଗିରି ବିବରଣୀ ଓ ରବିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ମୁଖ୍ୟଅତିଥି, ବାଲେଶ୍ୱର ଉପଜିଲାପାଳ ନିଲୁ ମହାପାତ୍ର ମୁଖ୍ୟବକ୍ତା, ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ବିମଳ ଚନ୍ଦ୍ର ଜେନା, ପୂର୍ବତନ ଜିଲା ପରିଷଦ ସଦସ୍ୟ ମହେଶ୍ୱର ଜେନା, ସତ୍ୟାନନ୍ଦ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଉତ୍ସବ କମିଟି କାର୍ଯ୍ୟକର୍ତ୍ତା ଅର୍ଦ୍ଧେନ୍ଦୁ ବାରିକ, ଗୋପନାରାୟଣ ଜେନା, ରମାନାଥ କର ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ହାସିମପୁର ଆଦିବାସୀ ନୃତ୍ୟ ସଙ୍ଗୀତ ଅନୁଷ୍ଠାନ, ଭୁବନେଶ୍ୱର ଶୀଳ୍ପିକା ଡ୍ୟାନ୍ସଗ୍ରୁପ୍ ନୃତ୍ୟ ପରିବେଷଣ କରିଥିବା ବେଳେ ସିନେ ତାରକା ଐଶ୍ୱର୍ଯ୍ୟଙ୍କ ଅଭିନୟରେ ଦର୍ଶକ ଖୁବ୍ ନାଚିଥିଲେ। ଉତ୍ସବ କମିଟିର ସମ୍ପାଦକ ସୁବଳ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

# ଉଦ୍‌ଘାଟିତ ହେଲା ଗ୍ରାମୀଣ ମେଳା

**ଜଳେଶ୍ୱର, ୧୭।୧(ସ୍ୱ.ପ୍ର.)**

ଓଡ଼ିଶା-ପଶ୍ଚିମବଙ୍ଗ ମଧ୍ୟରେ ଭାଇଚାରା ସୃଷ୍ଟି ପାଇଁ ପ୍ରତିବର୍ଷ ପରି ଚଳିତବର୍ଷ ୩୧ତମ ଦାନ୍ତୁନ ଗ୍ରାମୀଣ ମେଳା ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଲଣ୍ଡନସ୍ଥିତ ରୟାଲ କଲେଜର ପ୍ରଫେସର ଦିଲୀପ ସୁର ଯୋଗଦେଇ ଉପାନ୍ତରେ ଏହି ମେଳା ମାଧ୍ୟମରେ କେବଳ ଓଡ଼ିଶା ପଶ୍ଚିମବଙ୍ଗ ନୁହେଁ, ସମଗ୍ର ଭାରତବର୍ଷର କଳା, ସଂସ୍କୃତି, ପରମ୍ପରା ଲୋକଲୋଚନକୁ ଆସିପାରିବ ବୋଲି ପ୍ରକାଶ କରିଥିଲେ।

ଉତ୍ସବ କମିଟି ସଭାପତି ତଥା ବିଶିଷ୍ଟ ସାମାଜିକକର୍ମୀ ଆଲୋକ ନନ୍ଦୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସମ୍ମାନନୀୟ ଅତିଥି ରୂପେ ଲଣ୍ଡନସ୍ଥିତ ପ୍ରଫେସର ଗିଲ ଡିକର୍ସନ ସୁର, ଭାରତ ସେବାଶ୍ରମ ସଂଘର ଖୋକନ ମହାରାଜ, ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସଭାପତି ଡ. ଅଦ୍ୱୈତ୍ୟ କୁମାର ପାତ୍ର, ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶିକା ଡ. ତମସାରାଣୀ ଦାସ ମହାପାତ୍ର, କବି ସୁନୀଲ କୁମାର ମାଝି, ମୈତ୍ରୀ ସଙ୍ଗଠନର ସହସମ୍ପାଦକ ସୁକୁମାର ରଣା, ପ୍ରଫେସର ଡ. ବିବେକାନନ୍ଦ ପାଣିଗ୍ରାହୀ, ଅଧ୍ୟାପକ ଡ. ଦେବାଶିଷ ମହାପାତ୍ର, ବରିଷ୍ଠ ଖବରଦାତା ଅବନୀ ଚାନ୍ଦ, ରବିନାରାୟଣ ପାତ୍ର, ଭୂପତି ପରିଡ଼ା, ଗୌର ଗୋପାଳ ସେନ୍ ପ୍ରମୁଖ ଯୋଗଦେଇ ଉପାନ୍ତରେ ବନ୍ଧୁତ୍ୱ, ଭାଇଚାରା ଓ ବିଶ୍ୱଶାନ୍ତି ପ୍ରତିଷ୍ଠା ଲାଗି ଏପରି ମେଳାର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ। ପ୍ରାରମ୍ଭରେ କବି ସୂର୍ଯ୍ୟ ନନ୍ଦି ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉଦ୍‌ଘାଟନୀ ସଭା ପୂର୍ବରୁ ଦୀର୍ଘ ୨ କି.ମି. ପଥରେ ବିଭିନ୍ନ ସାଂସ୍କୃତିକ ଦଳ ଓ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆକର୍ଷଣୀୟ ଶୋଭାଯାତ୍ରା କରାଯିବା ସହିତ ବିଭିନ୍ନ ପାରମ୍ପରିକ ବାଦ୍ୟ ପରିବେଷଣ କରାଯାଇଥିଲା।



ଦାନ୍ତୁନ ଗ୍ରାମୀଣ ମେଳା ଉଦ୍‌ଘାଟନୀ ଅବସରରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ଶୀତଳପୁରରେ ଅଗ୍ନିକାଣ୍ଡ

ଆରଡ଼ି, ୧୭।୧(ଡି.ଏନ.ଏ.)-ଧୂଷୁରୀ ଥାନା ଓ ଆରଡ଼ି ଫାଣ୍ଡି ଅଧୀନ ଶୀତଳପୁର ଗ୍ରାମର ସୁଦାମ ମାଝୀଙ୍କ ଘରେ ଶୁକ୍ରବାର ଅପରାହ୍ଣରେ ନିଆଁ ଲାଗି ଯାଇଥିଲା। ପରିବାର ଲୋକଙ୍କ ଡାକ ଶୁଣି ଗ୍ରାମବାସୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଧାମନଗରରୁ ମଧ ଦମକଳ ଆସି ସେଠାରେ ପହଞ୍ଚିଥିଲା। ତେବେ ଅଗ୍ନିକାଣ୍ଡରେ ବିଶେଷ କିଛି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ମାତ୍ର ଘର ଚାଳରୁ ଛଣ ସମ୍ପୂର୍ଣ୍ଣ କଢ଼ା ଯାଇଥିବାରୁ ପରିବାର ଲୋକେ ଶୀତଦିନେ ସମସ୍ୟାର ସମ୍ମୁଖୀନ ହେବେ। ସୂଚନାଥାଉ କି, ସୁଦାମଙ୍କ ଘର ପାଖରେ ଆଉ ୨ଟି ଘର ଓ ବାଡ଼ିପଟେ ୫ଟି ଧାନ ଗଦା ମଧ ଥିଲା। ନିଶ୍ଚିତ ଘରପୋଡ଼ିରୁ ରକ୍ଷା ମିଳିଥିବା କୁହାଯାଉଛି।

### କାର୍ ଧକ୍କାରେ ବାପପୁଅ ଗୁରୁତର

ଭଣ୍ଡାରିପୋଖରୀ, ୧୭।୧(ଡି.ଏନ.ଏ.)-ଭଣ୍ଡାରିପୋଖରୀ ଥାନା ୧୬ ନଂ ଜାତୀୟ ରାଜପଥର ଆଖୁଆପଦା ନିକଟରେ ଶୁକ୍ରବାର ଅପରାହ୍ଣରେ ଏକ ବାଇକ୍‌କୁ କାର୍ ଧକ୍କା ଦେବାରୁ ବାଇକ୍‌ରେ ଥିବା ବାପ ପୁଅ ଗୁରୁତର ହୋଇଛନ୍ତି। ସେମାନେ କଟକ ମେଡିକାଲରେ ଚିକିତ୍ସାଧୀନ ଥିବା ଜାଣିବାକୁ ମିଳିଛି। ସୂଚନା ଅନୁଯାୟୀ, ଭଣ୍ଡାରିପୋଖରୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ସମ୍ପୋଇ ଗ୍ରାମର ବାସୁଦେବ ସାହୁ(୫୫) ଏବଂ ପୁଅ ରାଜେନ୍ଦ୍ର(୨୮) ବାଇକ୍(ନଂ ଓଡି ୨୨ ଏନ୍ ୨୧୨୨)ରେ ପାଣିକୋଇଲିରୁ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ପଛପଟୁ ଏକ କାର୍ ଧକ୍କା ଦେଇ ପଳାଇ ଯାଇଥିଲା। ସ୍ଥାନୀୟ ଲୋକେ ଆହତ ବାପପୁଅଙ୍କୁ ଉଦ୍ଧାର କରି ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ପଠାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

### ନିର୍ମାଣାଧୀନ ବିଦ୍ୟୁତ୍ ଷ୍ଟ୍ରକ୍‌ଚରରୁ କେବୁଲ୍ ଚୋରି

ପଦ୍ମପୁର, ୧୭।୧(ଡି.ଏନ.ଏ.)-ବାସୁଦେବପୁର ବ୍ଲକ ପଦ୍ମପୁର କପାଗଡ଼ିଆ ଛକଠାରେ ନିର୍ମାଣାଧୀନ ବିଦ୍ୟୁତ୍ ଷ୍ଟ୍ରକ୍‌ଚରରୁ ଦୁର୍ବୃତ୍ତମାନେ ଗୁରୁବାର ବିଳମ୍ବିତ ରାତିରେ କେବୁଲ ତାର କାଟି ଚୋରି କରି ନେଇଯାଇଛନ୍ତି। ସୂଚନା ଅନୁଯାୟୀ, ୧୦ରୁ ୧୫ ଜଣ ଦୁର୍ବୃତ୍ତ ଷ୍ଟ୍ରକ୍‌ଚରରେ କାର୍ଯ୍ୟରତ ନିରାପତ୍ତା କର୍ମଚାରୀଙ୍କୁ ଭୁଜାଲି ଦେଖାଇ ଭୟଭୀତ କରି ଏକ ଘରେ ପୂରାଇ ଚାବି ପକାଇ ଦେଇଥିଲେ। ଏହାପରେ ବାହାରେ ଥିବା ଏକ କେବୁଲ ବଣ୍ଡଲକୁ ନେଇ ସେମାନେ ପଳାଇ ଯାଇଥିଲେ। ଯାହାର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ। ଏ ନେଇ କର୍ମଚାରୀଙ୍କ ପକ୍ଷରୁ ରୁଦ୍ରନାରାୟଣ ବରାଳ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରୁଥିବା ପୋଲିସ କହିଛି।

### ଦୁର୍ଘଟଣାରେ ଗୁରୁତର ଅଙ୍ଗନୱାଡି କର୍ମୀଙ୍କ ମୃତ୍ୟୁ

ଧାମନଗର, ୧୭।୧(ଡି.ଏନ.ଏ.)-ଦୁର୍ଘଟଣାରେ ଗୁରୁତର ହୋଇ କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଧାମନଗର ବ୍ଲକ କାକୁଡିଗଡିଆ ଅଙ୍ଗନୱାଡି କେନ୍ଦ୍ର କର୍ମୀ ଶାନ୍ତିଲତା କରଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଗତ ଗୁରୁବାର ଶାନ୍ତିଲତା ଏକ ଅଟୋରେ ଧାମନଗର ବ୍ଲକକୁ ଟ୍ରେନିଂ ପାଇଁ ଯାଉଥିବା ବେଳେ ଝାଟିଆସାହି ଛକ ନିକଟରେ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଭଦ୍ରକ ମେଡିକାଲକୁ ନିଆଯାଇଥିଲା। ପରେ କଟକ ସ୍ଥାନାନ୍ତର କରାଯାଇଥିଲା।

# ଯୋଗ୍ୟ ହିତାଧିକାରୀଙ୍କୁ ମିଳିନି ଆବାସ

ଟିହିଡ଼ି, ୧୭।୧(ଡି.ଏନ.ଏ.)

**■ପଞ୍ଚାୟତ ସମିତି ବୈଠକରେ ଅଭିଯୋଗ**

**■କମିଟି ମାଧ୍ୟମରେ ଚିହ୍ନଟ କରାଯିବ**

ଭଦ୍ରକ ଜିଲା ଟିହିଡ଼ି ବ୍ଲକ ଅଧୀନ କେତେକ ପଞ୍ଚାୟତରେ ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ମିଳି ନ ଥିବା ପଞ୍ଚାୟତ ସମିତି ବୈଠକରେ ଅଭିଯୋଗ ହୋଇଛି।

ବ୍ଲକ କାର୍ଯ୍ୟାଳୟ ପରିସର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ପଞ୍ଚାୟତ ସମିତିର ୮ମ ସାଧାରଣ ଅଧିବେଶରେ ଏଭଳି ଅଭିଯୋଗ କରାଯାଇଛି। ଏଥିସହ କେତେଜଣ ହିତାଧିକାରୀ ୨/୩ ଥର ଇନ୍ଦିରା ଆବାସ ପାଇଥିଲେ ମଧ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ମିଳିଥିବା ଦର୍ଶାଯାଇଥିଲା।

ବ୍ଲକ ଅଧ୍ୟକ୍ଷା ବିଦ୍ୟୁତ୍‌ଲତା ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଭାରପ୍ରାପ୍ତ ବିଡିଓ ରମେଶ ଚନ୍ଦ୍ର ପଣ୍ଡା ସୂଚନା ଦେଇ କହିଥିଲେ ଯେ, ୨୦୧୮-୧୯ ଆର୍ଥିକ ବର୍ଷରେ ୧୪୧୦ ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ସେଥିମଧ୍ୟରୁ ୯୩୩ ଆବାସ ସମ୍ପୂର୍ଣ୍ଣ ହୋଇଛି ଏବଂ ସେମାନଙ୍କୁ ଅର୍ଥ ପ୍ରଦାନ କରାଯାଇଛି। ୨୦୧୯-୨୦ରେ ୫୧୨୦ ଆବାସ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲାବେଳେ ୪୯୩୧ ଜଣଙ୍କୁ ପ୍ରଥମ କିସ୍ତି, ୧୮୭୧ ଜଣଙ୍କୁ ୨ୟ ଏବଂ ୧୧୩୭ ଜଣଙ୍କୁ ୩ୟ କିସ୍ତିରେ ଅର୍ଥ ପ୍ରଦାନ କରାଯାଇଛି। ୩୮୩ ହିତାଧିକାରୀ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିଛନ୍ତି। ବାରୋ ପଞ୍ଚାୟତରେ ଏହି ଯୋଜନାରେ ଅନିୟମିତତା ହୋଇଥିବା କାଁପଡ଼ା ପଞ୍ଚାୟତ ସମିତିସଭ୍ୟ ଉଦ୍ଧବ ନାୟକ ଅଭିଯୋଗ କରିଥିଲେ। ଏହାକୁ ନେଇ ସମିତିସଭ୍ୟ ନାୟକ ଏବଂ ବାରୋ ସରପଞ୍ଚ ମୁହାଁମୁହିଁ ହୋଇଥିଲେ। ଅଧ୍ୟକ୍ଷାଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଧାମନଗର ବିଧାୟକଙ୍କ ପ୍ରତିନିଧି ବୁଦ୍ଧଦେବ ଜେନା ଦର୍ଶାଇଥିଲେ ଯେ, ଗୁଆମାଳ ପଞ୍ଚାୟତର ଜଣେ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ପାଇ ନ ଥିବାବେଳେ ତାଙ୍କ ଆକାଉଣ୍ଟକୁ ୭୦ ହଜାର ଟଙ୍କା ଦିଆଯାଇଥିବା ଉଲ୍ଲେଖ ରହିଛି। ଏକ କମିଟି ମାଧ୍ୟମରେ ଯୋଗ୍ୟ ହିତାଧିକାରୀ ଚିହ୍ନଟ ପାଇଁ ସେ ପରାମର୍ଶ ଦେଇଥିଲେ। ତେବେ ସରପଞ୍ଚ ଓ ସମିତିସଭ୍ୟମାନେ ସହଯୋଗ କଲେ ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ମିଳିପାରିବ ବୋଲି ଅଧ୍ୟକ୍ଷା ନାୟକ କହିଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଏହି ଯୋଜନାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରୁ ଶ୍ରମିକ ମଜୁରୀ ବାବଦକୁ ୧୬ ହଜାର ଟଙ୍କା ମିଳିପାରୁ ନ ଥିବା ସରପଞ୍ଚ କୀର୍ତ୍ତନ ରାଉତ ଓ ସମିତିସଭ୍ୟ ସଂଗ୍ରାମ ଦାସ ଅଭିଯୋଗ କରିଥିଲେ। ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଏହାର ସମୀକ୍ଷା କରିବାକୁ ପରାମର୍ଶ ଦିଆଯିବ ବୋଲି ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ କହିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହକାରୀ ସୁଧାଂଶୁ ନାୟକ ଯୋଜନା ସମ୍ପର୍କରେ ବିବରଣୀ ଦେଇଥିଲେ। ଏମ୍‌ପିଙ୍କ ପ୍ରତିନିଧି ହରେକୃଷ୍ଣ ଜେନା, ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ରଘୁନାଥ ପଣ୍ଡା, ମେଡିକାଲ ଅଫିସର ଡା. ଶୁଭକାନ୍ତ ଓଝା, ଜିପିଓ ତରଣୀସେନ ବାରିକ, ଜିଲାପରିଷଦ ସଭ୍ୟ କମଳାକାନ୍ତ ଦାସ ଓ ଚିନ୍ତାମଣି ଦାସ, ସରପଞ୍ଚ ଶଶଧର ସାମଲ, ତିଳୋତ୍ତମା ବେହେରା, ବିପିନ ବେହେରା ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଲୁଟେରାଙ୍କୁ ଧରିବାରେ ପୋଲିସ ବିଫଳ

ଭଣ୍ଡାରିପୋଖରୀ, ୧୭।୧ (ଡି.ଏନ.ଏ.)

**ବ୍ୟାଙ୍କ ପରିସରରୁ ଦେଢ଼ଲକ୍ଷ ଲୁଟ୍ ଘଟଣା**

**■ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଅଭିଯୋଗକାରୀ**

ଭଣ୍ଡାରିପୋଖରୀ ଥାନା ମଞ୍ଜୁରିରୋଡ ବଜାରଠାରେ ଥିବା ଆଲ୍ଲାହାବାଦ ବ୍ୟାଙ୍କ ପରିସରରୁ ଗତ ଡିସେମ୍ବର ୨୭ରେ ଅଗେଇବେରା ଗ୍ରାମର ଶଙ୍କର୍ଷଣ ପଣ୍ଡାଙ୍କଠାରୁ ଦେଢ଼ଲକ୍ଷ ଟଙ୍କା ଲୁଟ୍ ହୋଇଥିଲା। ଏହାମଧ୍ୟରେ ଘଟଣାକୁ ୨୦ ଦିନ ବିତିଯାଇଛି। ହେଲେ ପୋଲିସ ଲୁଟେରାଙ୍କୁ ଧରିବାରେ ବିଫଳ ହୋଇଛି। ବ୍ୟାଙ୍କ ସୋଫାରେ ବସି ଡିପୋଜିଟ୍ ଫର୍ମ ପୂରଣ କରୁଥିବାବେଳେ ଜଣେ ଲୁଟେରା ବ୍ୟାଙ୍କ ଭିତରେ ପଶି ଶଙ୍କର୍ଷଣ ରଖିଥିବା ଏକ ପଲିଥିନରେ ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ସ୍ଥାନୀୟ ଲୋକେ ଲୁଟେରାଙ୍କ ପିଛା କରିବାରୁ ସେ ଓ ତାଙ୍କ ସହଯୋଗୀ ଏକ ପଲସର୍ ବାଇକ ରାସ୍ତାରେ ଛାଡ଼ି ଦେଇ ବିଲରେ ଦୌଡ଼ି ପଳାଇ ଯାଇଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ୍ ବସିଛି ବୋଲି ଲୁଟ୍‌ର ଶିକାର ହୋଇଥିବା ଗ୍ରାହକ ଶଙ୍କର୍ଷଣ ନିକଟରେ ଭଦ୍ରକ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି।

ସୂଚନାଥାଉ କି, ବିଭିନ୍ନ ସମୟରେ ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ଚୋରି, ଛିନ୍‌ତାଇ, ଲୁଟ୍ ଆଦି ଘଟଣା ବଢ଼ିବାରେ ଲାଗିଛି। କିଛିଦିନ ତଳେ ଜଣେ ଶିକ୍ଷା କର୍ମଚାରୀ ସ୍ଥାନୀୟ ୟୁକୋ ବ୍ୟାଙ୍କରୁ ଟଙ୍କା ଉଠାଇ ବାଇକ୍‌ରେ ରଖି ବିବିସିସି ବ୍ୟାଙ୍କ ସାମ୍ନାରେ ଫୋନରେ କଥା ହେଉଥିଲେ। ଏହି ସମୟରେ ଲୁଟେରାମାନେ ତାଙ୍କ ବାଇକ୍ ଡିକିରୁ ଦେଢ଼ଲକ୍ଷ ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିଲେ। ବିବିସିସି ବ୍ୟାଙ୍କ ସିସି କ୍ୟାମେରା ଯାଞ୍ଚ କରିଥିଲେ ମଧ ପୋଲିସ ଏହି ଘଟଣାରେ କାହାରିକୁ ଧରିବାରେ ସକ୍ଷମ ହୋଇନାହିଁ। ସେହିପରି ବିଭିନ୍ନ ମନ୍ଦିରରୁ ଚୋରି, ଷୋଳମପୁରସ୍ଥିତ ବୌଦ୍ଧବିହାରରୁ ମୂର୍ତ୍ତି ଚୋରି ଭଳି ଘଟଣାରେ ମଧ ପୋଲିସକୁ ଆଜିଯାଏ ସଫଳତା ମିଳିପାରି ନାହିଁ। ଏ ଦିଗରେ ଏସ୍‌ପି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

## ଦୁର୍ଘଟଣାରେ ୨ ଛାତ୍ରଙ୍କ ମୃତ୍ୟୁ ଘଟଣା।

# ୪ ମାସ ପରେ ଗାଡ଼ି ଜବତ: ଡ୍ରାଇଭର ଗିରଫ

ଭଦ୍ରକ ଅଫିସ, ୧୭।୧

ଗତବର୍ଷ ସେପ୍ଟେମ୍ବର ୧୦ ତାରିଖ ସକାଳେ ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ୨ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଦ୍ରୁତଗତିରେ ନାଲି ରଙ୍ଗର ଏକ ଚାରିଚକିଆ ଗାଡ଼ି ଦୁର୍ଘଟଣା ଘଟାଇ କଟକ ଆଡ଼କୁ ଚାଲିଯାଇଥିଲା। ଦୁର୍ଘଟଣାରେ ଛାତ୍ର ଶୁଭଙ୍କର ମଲ୍ଲିକ(୧୭) ଓ ତାଙ୍କ ସାଙ୍ଗ ସୁମିତ୍ କୁମାର ସାହୁ(୧୩)ଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ ଫେରାର ଥିବା ଗାଡ଼ିକୁ ୪ ମାସ ପରେ ପଶ୍ଚିମବଙ୍ଗ ଅଞ୍ଚଳରୁ ପୋଲିସ ଜବତ କରି ଆଣିଛି। ଜବତ ଗାଡ଼ି(ନଂ.ଡବ୍ଲ୍ୟୁ ବି ୪୨ ଏପି ୨୮୬୨) ଆଇ ୧୦ ସ୍ପୋର୍ଟସ୍ ସହ ଡ୍ରାଇଭର ବର୍ଦ୍ଧମାନ ଅଞ୍ଚଳର ଦୁର୍ଗାପ୍ରସାଦ ସୋରେନ୍‌ଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସୂଚନାଥାଉ କି, ମୃତ ଦୁଇ ଛାତ୍ରଙ୍କ ପରିବାର ପକ୍ଷରୁ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଭଦ୍ରକ ଟାଉନ ଥାନା ପୋଲିସ ଜବତ ନ କରିବା କାରଣରୁ ଏକାଧିକବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ପଶ୍ଚିମବଙ୍ଗ ଯାଇ ଉକ୍ତ ଗାଡ଼ିକୁ ଠାବ କରିଥିଲା।




ଜବତ ହୋଇଥିବା ଗାଡ଼ି।

## ଭଦ୍ରକ ସାଂସ୍କୃତିକ ମହୋତ୍ସବର ୯ମ ସନ୍ଧ୍ୟା

ଭଦ୍ରକ ଅଫିସ, ୧୭।୧- ଭଦ୍ରକ ନେହେରୁ ଷ୍ଟାଡିୟମରେ ଚାଲିଥିବା ସାଂସ୍କୃତିକ ମହୋତ୍ସବର ୯ମ ସନ୍ଧ୍ୟାରେ 'ସାହିତ୍ୟ ଓ ଗାନ୍ଧର୍ବ କଳା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ରବିନାରାୟଣ ଖିଲାର ସଭାପତିତ୍ୱ କରିଥିଲେ। ପୂର୍ବତନ ବିଧାୟକ ନରେନ ପଲେଇ ମୁଖ୍ୟଅତିଥି ଓ ଆଇନଜୀବୀ ସୁରଜିତ ପାଲ ଅନ୍ୟତମ ଅତିଥି ଭାବେ ଯୋଗଦେଇ ପ୍ରାଚୀନ ସାହିତ୍ୟରେ ଗାନ୍ଧର୍ବ କଳାର ପ୍ରଭାବ ସମ୍ପର୍କରେ ମତ ରଖିଥିଲେ। କମିଟିର ସାଧାରଣ ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର, ଉପସଭାପତି ପ୍ରଭାତ ଜେନା, ମିଡିଆ ସେଲ୍ ଅଧ୍ୟକ୍ଷ ଅବିନାଶ ପଣ୍ଡା, ସାଂସ୍କୃତିକ ସମ୍ପାଦକ ବି ପୀତାମ୍ବର ରେଡ୍ଡି, ସହସମ୍ପାଦିକା ରଶ୍ମିତା ସେଠୀ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ରକ୍ତଦାନ ଶିବିର

ଭଣ୍ଡାରିପୋଖରୀ, ୧୭।୧ (ଡି.ଏନ.ଏ.)-ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ଡିଗ୍ରୀ କଲେଜଠାରେ ଗୁରୁବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କଲେଜ ଯୁବ ରେଡକ୍ରସ ଓ ଜାତୀୟ ସେବା ସଂସ୍ଥା ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କଲେଜ ଅଧ୍ୟକ୍ଷ ରମେଶ ବେଉରିଆଙ୍କ ଅଧ୍ୟକ୍ଷତାରେ ରକ୍ତଦାନ ଶିବିରକୁ ଆଇନଜୀବୀ ଅତୀଶ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ କଲେଜ ପୂର୍ବତନ ଅଧ୍ୟକ୍ଷ ମନୋଜ ପାଢ଼ୀ, ଯୁବ ରେଡକ୍ରସ ସଂଯୋଜିକା ରୀତାଞ୍ଜଳି ପାରମାଣିକ, ଜାତୀୟ ସେବା ସଂସ୍ଥା ସଂଯୋଜିକା ଅନୁପମା ତ୍ରିପାଠୀ ଓ ସଂଯୋଜକ ନାରାୟଣ ସେଠୀ ଯୋଗ ଦେଇଥିଲେ। ଭଦ୍ରକ ରେଡକ୍ରସର ଡା. ବିମଳା ମିଶ୍ର, ଟେକ୍ନିସିଆନ ରବିନାରାୟଣ ଖୁଣ୍ଟିଆ, ରତିକାନ୍ତ ବଳ, ରଘୁନାଥ ପଣ୍ଡା, ବଳରାମ ପୁହାଣ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଅଧ୍ୟାପିକା ସ୍ମିତା ସାଗରିକା, ଶୋଭାଶିଷା ପଣ୍ଡାଙ୍କ ସମେତ ଅନ୍ୟ ଅଧ୍ୟାପିକା ଅଧ୍ୟାପକ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା

ଆରଡ଼ି/ଧାମନଗର, ୧୭।୧(ଡି.ଏନ.ଏ.)-ଧାମନଗର ବ୍ଲକ ଆଇଜିଏମ୍ କଲେଜରେ ଜାତୀୟ ସେବା ଶିବିର ଯୋଜନାରେ କାର୍ଯ୍ୟରତ ଛାତ୍ରୀଛାତ୍ର ଶୁକ୍ରବାର ସାଆଁଳପୁର, ପନ୍ଦରବାଟିଆ ଆଦି ଛକରେ ଗାଡ଼ି ଅଟକାଇ ସଚେତନତା ସୃଷ୍ଟି କରିଥିଲେ। ସେମାନେ ହେଲ୍‌ମେଟ ପିନ୍ଧିଥିବା ବାଇକ୍ ଚାଳକଙ୍କୁ ଗୋଲାପ ଫୁଲ ଦେଇ ଉତ୍ସାହିତ କରିଥିଲେ। ଯେଉଁମାନେ ହେଲ୍‌ମେଟ ପିନ୍ଧି ନ ଥିଲେ ସେମାନଙ୍କୁ ସଡ଼କ ସୁରକ୍ଷା ନିୟମ ସମ୍ପର୍କରେ ଅବଗତ କରାଇଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ନରେନ୍ଦ୍ର କୁମାର ସାହୁ, ପୀତାମ୍ବର ରାଉତରାୟ, ନାରାୟଣ ମହାନ୍ତି, ଭରତ ଚନ୍ଦ୍ର ବେହେରା, ଚିତ୍ତରଞ୍ଜନ ଦାସ, ଗୌରାଙ୍ଗ ଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ବନ୍ତ, (ସ୍ୱ.ପ୍ର.)**-ଭୁବନେଶ୍ୱର ଚେତନା ଗ୍ରୁପର କଳାକାରମାନେ ଶୁକ୍ରବାର ସନ୍ଧ୍ୟାରେ ଆଗରପଡ଼ା ଲକ୍ଷ୍ମୀବଜାରଠାରେ ପଥପ୍ରାନ୍ତ ନାଟକ ପରିବେଷଣ କରି ସଡ଼କ ସୁରକ୍ଷା ବିଷୟରେ ଲୋକଙ୍କୁ ସଚେତନ କରାଇଥିଲେ। ୧୨ ଜଣ କଳାକାରଙ୍କୁ ନେଇ ଆସିଥିବା ଏହି ଗ୍ରୁପ ପ୍ରଥମେ ବନ୍ତ ଓ ପରେ ଆଗରପଡ଼ାରେ ନାଟକ ପରିବେଷଣ କରିଥିଲେ। ନାଚ ଗୀତ ଓ ଅଭିନୟ ମାଧ୍ୟମରେ ଲୋକଙ୍କୁ ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇବା ସହିତ ଗାଡ଼ି କାଗଜପତ୍ର, ଡ୍ରାଇଭିଂ ଲାଇସେନ୍ସ, ଇନ୍ସୁରାନ୍ସ ସବୁବେଳେ ସାଙ୍ଗରେ ରଖିବାକୁ ସଚେତନ କରାଯାଇଥିଲା। ନିଶା ସେବନ କରି ଗାଡ଼ି ଚଳାଇବା ଓ ଗାଡ଼ି ଚଳାଇବା ସମୟରେ ମୋବାଇଲ ବ୍ୟବହାର କରିବା ଦୁର୍ଘଟଣାର କାରଣ ବୋଲି ନାଟକ ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା। ଆଗରପଡ଼ା ଥାନାଧିକାରୀ ମୋନାଲିସା କରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ



କଳାକାରମାନେ ପଥପ୍ରାନ୍ତ ନାଟକ ପରିବେଷଣ କରୁଛନ୍ତି।

ଏହି କାର୍ଯ୍ୟକ୍ରମରେ ଏଏସ୍‌ଆଇ ଭୀମସେନ ମଲ୍ଲିକ, ରାମେଶ୍ୱର ସୋରେନଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶୃଙ୍ଖଳା ରକ୍ଷା କରିଥିଲେ।

**ବାସୁଦେବପୁର, (ଡି.ଏନ.ଏ.)**-ବାସୁଦେବପୁର ଥାନା ପକ୍ଷରୁ ଆଞ୍ଚଳିକ ପରିବହନ ବିଭାଗ ସହଯୋଗରେ ୩୧ ତମ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଶୁକ୍ରବାର ସଚେତନତା ରାଲି କରାଯାଇଥିଲା। ପୂର୍ବାହ୍ଣରେ ଥାନା ପରିସରରୁ ବାହାରିଥିବା ଏହି ରାଲିକୁ ଆଇଆଇସି ମଧୁମିତା ମହାନ୍ତି ଶୁଭାରମ୍ଭ କରିଥିଲେ। ରାଲି ବାସୁଦେବପୁର ସହର ପରିକ୍ରମା କରିଥିଲା। ବାସୁଦେବପୁର ଏବି ହାଇସ୍କୁଲ, ଏବି କଲେଜର ଏନ୍‌ସିସି କ୍ୟାଡେଟ୍ ଓ କଳ୍ପତରୁ ସଂସ୍କୃତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ରାଲିରେ ବିଭିନ୍ନ ପ୍ଲାକାର୍ଡ ଧରି ବାଇକ୍ ଚାଳକ ଓ ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ନିୟମ ଓ ଆଇନ ସମ୍ପର୍କରେ ଅବଗତ କରି ସଚେତନ କରାଇଥିଲେ। ବସ୍, ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ। ବାସୁଦେବପୁର ଥାନା ଏସ୍‌ଆଇ




ସଚେତନତା ରାଲି ସହର ପରିକ୍ରମା କରୁଛି।

ମହାପ୍ରସାଦ ନାୟକ, ବିଶ୍ୱଜିତ୍ ସିଂ, ଏଏସ୍‌ଆଇ ଚିତ୍ତରଞ୍ଜନ ଦାସ, ବିନୋଦ ବିହାରୀ ହେମ୍ବ୍ରମଙ୍କ ସମେତ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ। ଲୋକଙ୍କ ସଚେତନତା ପାଇଁ ଲୋକଗୀତ ମଧ ଆୟୋଜନ କରାଯାଇଥିଲା। ହେଲ୍‌ମେଟ ପିନ୍ଧି ଗାଡ଼ି ଚଳାଇବା, ଗାଡ଼ି ଚଳାଇବା ବେଳେ ମଦ ନ ପିଇବା, ମୋବାଇଲରେ କଥା ନ ହେବା ସମେତ ବିଭିନ୍ନ ଟ୍ରାଫିକ୍ ନିୟମ ମାନି ଚଳିବାକୁ ଲୋକଙ୍କୁ ସଚେତନ କରାଯାଇଥିଲା।

**ପଦ୍ମପୁର, (ଡି.ଏନ.ଏ.)**-ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ପୋଲିସ ପକ୍ଷରୁ ବିଦେଇପୁରଠାରେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ସ୍ଥାନୀୟ କେଏନ୍ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ଥିବା ପ୍ଲାକାର୍ଡ଼ ଧରି ବଜାର ପରିକ୍ରମା କରିଥିଲେ। ହେଲମେଟ୍ ପିନ୍ଧିଥିବା ବାଇକ୍ ଚାଳକ ଓ ସିଟ୍‌ବେଲ୍ଟ ପିନ୍ଧିଥିବା ଗାଡ଼ି ଚାଳଙ୍କୁ ଗୋଲାପ ଫୁଲ ଓ ଚକୋଲେଟ୍ ପ୍ରଦାନ କରାଯାଇଥିଲା। ଥାନାଧିକାରୀ ଉମାଶଙ୍କର ନାୟକ, ଏସ୍‌ଆଇ ନିରୋଦ ମଲ୍ଲିକ, ଦିଲୀପ ଦେହୁରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଚାନ୍ଦିମାଳଠାରେ କେକେ ଜିପି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଥାନାଧିକାରୀ ବିଜୟ କୁମାର ମୁର୍ମୁ। ଶୋଭାଯାତ୍ରାରେ କଳାକାରମାନେ ସମ୍ବଲପୁରୀ ଗୀତ ଓ ନାଚ ମାଧ୍ୟମରେ ସଚେତନତା କରିଥିଲେ। ପୋଲିସ ଅଧିକାରୀମାନେ ବାଇକ୍ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ଚିକିତ୍ସାରେ ଅର୍ଥ ବାଧକ

ପଦ୍ମପୁର, ୧୭।୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ପଦ୍ମପୁର ପଞ୍ଚାୟତ ଅଧୀନ ରୁକୁଣାଦେଇପୁର ଗ୍ରାମର ବୈକୁଣ୍ଠ ଦାସଙ୍କ ପୁଅ ଆଦିତ୍ୟ(୧୧)। ହାଡ଼ ଓ ମାଂସପେଶୀ ଅବକ୍ଷୟଜନିତ ରୋଗ(ଡିଏମ୍‌ଡି)ରେ ସେ ପୀଡ଼ିତ। ତାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ସରକାରଙ୍କ ପକ୍ଷରୁ ଆଦିତ୍ୟଙ୍କୁ ୭୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଥିଲେ ମଧ ତାଙ୍କ ଚିକିତ୍ସା ପାଇଁ କୌଣସି ସରକାରୀ ସହାୟତା ଏଯାଏ ମିଳିପାରିନି ବୋଲି ପରିବାର ପକ୍ଷରୁ କୁହାଯାଇଛି।

ପରିବାର ଲୋକଙ୍କ କହିବା ଅନୁସାରେ, ଆଦିତ୍ୟ ୫ ବର୍ଷ ପର୍ଯ୍ୟନ୍ତ ସାଧାରଣ ପିଲା ଭଳି ଖେଳକୁଦ କରିବା ସହ ସୁସ୍ଥ ଥିଲେ। ଧୀରେ ଧୀରେ ଗୋଡ଼ର ମାଂସପେଶୀ ଫୁଲିବା ସହ ଅଣ୍ଟାର ହାଡ଼ ବଙ୍କା ହେବାରେ ଲାଗିଲା। ବୈକୁଣ୍ଠ ପୁଅକୁ ଚିକିତ୍ସା ପାଇଁ ପ୍ରଥମେ ଭଦ୍ରକ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ହେଲେ ଆବଶ୍ୟକ ଚିକିତ୍ସା ଉପଲବ୍ଧି ନ ହେବାରୁ ହିମାଚଳ ପ୍ରଦେଶର ମାନବ ମନ୍ଦିର ଚିକିତ୍ସାଳୟ, ସାଲୋନରେ ଆଦିତ୍ୟଙ୍କୁ ଭର୍ତ୍ତି କରାଯାଇଥିଲା। ରୋଗର ନିଦାନ ପରେ ଉଦ୍ଦିଷ୍ଟ ଔଷଧ ବ୍ୟୟବହୁଳ ହୋଇଥିବାରୁ ଅର୍ଥ ଅଭାବରୁ ଆଦିତ୍ୟଙ୍କୁ ଘରକୁ ଫେରାଇ ଆଣିଥିଲେ। ବୈକୁଣ୍ଠ ଗ୍ରାମରେ ଚାଷବାସ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଅର୍ଥାଭାବ ସାଙ୍ଗକୁ ଏକମାତ୍ର ପୁଅର ଏଭଳି ଅବସ୍ଥାରେ ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ପୁଅର ଚିକିତ୍ସା ଲାଗି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିସାରିଥିବାବେଳେ ଆର୍ଥିକ ଦୁରବସ୍ଥା ଯୋଗୁ ଔଷଧ କିଣି ଦେଇପାରୁନାହାନ୍ତି। କେବଳ ଶାରୀରିକ ବ୍ୟାୟାମ କରାଇ ପୁଅକୁ ବଞ୍ଚାଇବାର ଚେଷ୍ଟା କରୁଛନ୍ତି। ସରକାରଙ୍କ ପକ୍ଷରୁ କିଛି ଆର୍ଥିକ ସହାୟତା ମିଳିଲେ ଆଦିତ୍ୟଙ୍କ ଚିକିତ୍ସା କରାଇପାରନ୍ତେ ବୋଲି ସେ କହିଛନ୍ତି।



ମା' ବାପାଙ୍କ ସହ ଆଦିତ୍ୟ।

# ସରିଲା ବାରାପୁର ମକର ମହୋତ୍ସବ

ବାସୁଦେବପୁର, ୧୭।୧(ଡି.ଏନ.ଏ.)

ବାସୁଦେବପୁର ବାରାପୁର ପଡ଼ିଆରେ ମହାବୀର କ୍ଲବ ପକ୍ଷରୁ ଚାଲିଥିବା ମକର ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଶିଳ୍ପପତି ତଥା ସାମାଜିକ କର୍ମୀ ଶଶିକୁମାର ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବ ସମସ୍ତଙ୍କୁ ସମତା ଡୋରିରେ ବାନ୍ଧି ରଖେ ବୋଲି ସେ ମତ ରଖିବା ସହିତ ଗ୍ରାମାଞ୍ଚଳର ବିକାଶ ପାଇଁ ଏହା ବାଟ ଦେଖାଇଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ବିଡିଓ ପ୍ରଣବ କୁମାର ବେହେରା, ଡା. କରୁଣାକର ବିଶ୍ୱାଳ, ପୂର୍ବତନ ପ୍ରଧାନ ଶିକ୍ଷକ ଭାଗୀରଥି ବେହେରା, ଅଧ୍ୟାପକ ବିପିନ ବିହାରୀ ଭୋଇ, ଅଧ୍ୟାପକ ଡ. ଶୁଭେନ୍ଦୁ କୁମାର ସାହୁ ପ୍ରମୁଖ ଯୋଗଦେଇ ମହୋତ୍ସବର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ସ୍ନେହଲତା ସେନାପତି ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୃନ୍ଦାବନ ବେହେରା ସଭାପତିତ୍ୱ ଓ ଶିକ୍ଷକ ଅମିୟ କୁମାର ପାଣିଗ୍ରାହୀ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଶିକ୍ଷକ ନାରାୟଣ ପ୍ରସାଦ ପଣ୍ଡା, କବି ଶିବପ୍ରସାଦ ଦାଶ, କଳାକାର ରବିନାରାୟଣ ପଣ୍ଡା, ଶ୍ରେଷ୍ଠ କୃଷକ କଳିଙ୍ଗ କେଶରୀ ପଣ୍ଡା, ଶିକ୍ଷକ ଅକ୍ଷୟ କୁମାର ସାହୁ ଓ ବରିଷ୍ଠ ସେବାନିବୃତ୍ତ ଅଧିକାରୀ ଶତ୍ରୁଘ୍ନ ଧନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱର୍ଗତ ପଦ୍ମଲୋଚନ ରାଉତଙ୍କୁ ସେବା ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ତାଙ୍କ ପୁତ୍ର ଏହି ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ।



ଉଦ୍‌ଯାପନୀ ଉତ୍ସବରେ ଅତିଥି।

**ସଂକ୍ଷେପରେ**

## ଠାକୁରମୁଣ୍ଡା ପଞ୍ଚାୟତ ସମିତି ବୈଠକ

**ଠାକୁରମୁଣ୍ଡା,୧୭।୧(ଡି.ଏନ.ଏ.):** ଠାକୁରମୁଣ୍ଡା ପଞ୍ଚାୟତ ସମିତିର ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନିମନ୍ତ୍ରିତ ସଦସ୍ୟା ଭାବରେ କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ପ୍ରାରମ୍ଭରେ ପୂର୍ବ ବୈଠକର ବିବରଣୀ ପାଠ କରାଯାଇ ଗୃହୀତ କରାଯାଇଥିଲା। ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ବିଡ଼ିଓ ବିଜୟ କୁମାର ନାୟକ ଆଲୋକପାତ କରିଥିଲେ। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ କୃଷି,ଜଳ ବିଭାଜିକା,ପଶୁସମ୍ପଦ, ଶିଶୁ ବିକାଶ ସହିତ ଉନ୍ନୟନ ମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଭାଗୀୟ ଅଧିକାରୀମାନେ ଯୋଗ ଦେଇ ନିଜନିଜର ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ସଦସ୍ୟମାନଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ପ୍ରଦ୍ୟୁମ୍ନ କୁମାର ନାୟକ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ମିଞ୍ଜ, ବ୍ଲକ ଉପାଧକ୍ଷା ଜୋବାମଣି ଟୁଡୁ,ସମସ୍ତ ପଞ୍ଚାୟତ ସମିତି ସଭ୍ୟାସଭ୍ୟ, ସରପଞ୍ଚ ମାନେ ଯୋଗ ଦେଇଥିଲେ। ପଞ୍ଚାୟତ ଉନ୍ନୟନ ଅଧିକାରୀ ଦାମୋଦର ମହାଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଣିତ ମେଧାବୃତ୍ତି ପରୀକ୍ଷା

**ଝାରପୋଖରିଆ, ୧୭।୧ (ଡି.ଏନ୍.ଏ.):** ସରସକଣା ବ୍ଲକ ଅଧୀନ ଶୀର୍ଷା ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ମାଧମିକ ଶିକ୍ଷା ପରିଷଦ ପକ୍ଷରୁ ୬ଷ୍ଠ ଓ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଗୁରୁବାର ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ମହାନ୍ତଙ୍କ ତତ୍ତ୍ୱାବଧାନରେ ଏହି ପରୀକ୍ଷା ପରିଚାଳିତ ହୋଇଥିଲା। ୬ଷ୍ଠ ଶ୍ରେଣୀ ପାଇଁ ୭୬ ଓ ୯ମ ଶ୍ରେଣୀ ପାଇଁ ୬୫ ପରୀକ୍ଷାର୍ଥୀଙ୍କୁ ନେଇ ମୋଟ ୧୪୧ ଜଣ ପରୀକ୍ଷା ଦେବା ପାଇଁ ଦିବସ ଧାର୍ଯ୍ୟ ହୋଇଥିଲା। ମାତ୍ର ସେମାନଙ୍କ ମଧ୍ୟରୁ ୩୩ ଜଣ ପରୀକ୍ଷା ଦେଇ ନ ଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ବିଶୋଇ,୧୭।୧(ଡ଼ି.ଏନ୍.ଏ.):** ବିଶୋଇ ବ୍ଲକ ଛକରେ ଏଲଆଣ୍ଡଟି କମ୍ପାନୀ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ନିମନ୍ତେ ଏକ ସଚେତନତା ଶିବିର ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଏଲଆଣ୍ଡଟି କମ୍ପାନୀର ପ୍ରକଳ୍ପ ପରିଚାଳକ ମାନସ ରଞ୍ଜନ ରାଉତ, ନିରାପତ୍ତା ଅଧିକାରୀ ଇନ୍ଦ୍ରସେନ ସିଂ, ନିରାପତ୍ତା ଯନ୍ତ୍ରୀ ମାଲାଇ ମାନ୍ନାଙ୍କ ସମେତ କମ୍ପାନୀର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ପ୍ରମୁଖ ଉପସ୍ଥିତ ରହି ଗାଡିଚାଳକମାନଙ୍କୁ ସଡ଼କ ସୁରକ୍ଷାର ବିଭିନ୍ନ ନିୟମ ବିଷୟରେ ଅବଗତ କରାଇଥିଲେ। ଏଥିସହିତ ଏହି କାର୍ଯ୍ୟକ୍ରମରେ ବାରିପଦାରୁ ଚକ୍ଷୁ ରୋଗ ବିଶେଷଜ୍ଞ ପି.ସି ମହାନ୍ତି ଓ ଫାର୍ମାସିଷ୍ଟ ଆକାଶ ପାଣି ଗାଡିଚାଳକ ତଥା ସ୍ଥାନୀୟ ଜନସାଧାରଣଙ୍କ ମାଗଣାରେ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶୋଇ ଥାନାର ପୋଲିସ ଅଧିକାରୀମାନେ ଉପସ୍ଥିତ ରହିବା ସହିତ କମ୍ପାନୀର ସମସ୍ତ ସଦସ୍ୟ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା ସପ୍ତାହ

**ଚିତ୍ରଡ଼ା,୧୭।୧(ଡ଼ି.ଏନ୍.ଏ.):** ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ପକ୍ଷରୁ ଗୁରୁବାର ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବେହେରା ଓ ଆମ ପୋଲିସ ସମିତି ସଭ୍ୟଙ୍କ ସମେତ ମିଶନଶକ୍ତି ଜିଲା ସଭାପତି ବିଷ୍ଣୁପ୍ରିୟା ଦାସ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଲୋକଙ୍କୁ ସଚେତନ କରାଇବା ପାଇଁ ଚିତ୍ରଡାସ୍ଥିତ ମା' ଭୈରବୀଙ୍କ ପୀଠ ନିକଟରେ ଥାନାର ସମସ୍ତ କର୍ମଚାରୀ, ଗଣମାଧମ ପ୍ରତିନିଧି, ଆମ ପୋଲିସ ସମିତି ସଭ୍ୟ ଏବଂ ମିଶନ ଶକ୍ତିର ମିଳିତ ଉଦ୍ୟମରେ ଗାଡ଼ି ଚାଳକମାନଙ୍କୁ ଅଟକାଇ ହେଲମେଟ, ସିଟ୍ ବେଲ୍ଟ, ଡ୍ରାଇଭିଂ ଲାଇସେନ୍ସ ସମ୍ବନ୍ଧରେ ବୁଝାଇ ଗୋଲାପ ଫୁଲ ଏବଂ ଚକେଲେଟ ବଣ୍ଟନ କରାଯାଇଥିଲା। ଆମ ପୋଲିସ ସମିତି ସଭ୍ୟ ସନ୍ତୋଷ କୁମାର ବେହେରା ଏବଂ ଏସ.କେ ମୁସ୍ତୋଫା ସଚେତନତା ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଆରମ୍ଭ ହେଲା ଦାମୋଦର ମେଳା

### ବାରୁଣୀ ଘାଟରେ ପୂର୍ବପୁରୁଷଙ୍କ ଅସ୍ଥି ବିସର୍ଜନ

**ବାରିପଦା ଅଫିସ,୧୭।୧**

ମୟୂରଭଞ୍ଜ ଜିଲାରେ ମକର ହେଉଛି ଗଣପର୍ବ। ଏହି ପର୍ବ ସମୟରେ ଜିଲାର ବାରୁଣୀ ଘାଟରେ ଆରମ୍ଭ ହୋଇଥାଏ ଦାମୋଦର ମେଳା। ବାରିପଦା ସହର ସ୍ଥିତ ବୁଢ଼ାବଳଙ୍ଗ, ଜରାଳୀ ଓ ସରାଳୀର ସଙ୍ଗମସ୍ଥଳ ହେଉଛି ବାରୁଣୀ ଘାଟ। ଏହି ଘାଟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଦାମୋଦରମେଳା। ଜିଲାରେ ବସବାସ କରୁଥିବା ସାନ୍ତାଳ ସମ୍ପ୍ରଦାୟର ମୃତକଙ୍କ ସମୂହ ଅସ୍ଥି ବିସର୍ଜନକୁ ଦାମୋଦର ମେଳା ତଥା ଦାମୋଦର ଯାତ୍ରା କୁହାଯାଏ। ଏହା ମୃତ୍ୟୁ ସଂସ୍କାରର ଶେଷ ପର୍ବ। ପ୍ରତ୍ୟେକ ସାନ୍ତାଳ ପରିବାର ସେମାନଙ୍କର ଆତ୍ମୀୟ ପରିଜନଙ୍କ ମୃତ୍ୟୁ ପରେ ଅସ୍ଥିକୁ ଗଙ୍ଗାନଦୀରେ ବିସର୍ଜନ ପାଇଁ ମାଟିରେ ପୋତି ରଖନ୍ତି। ମାତ୍ର ଆର୍ଥିକ ଦୁର୍ବଳତା ହେତୁ ଗଙ୍ଗା ନଦୀକୁ ଯାଇ ନ ପାରି ବାରୁଣୀ ଘାଟରେ ମକର ସଂକ୍ରାନ୍ତି ଅବସରରେ ବିସର୍ଜନ କରିଥାନ୍ତି। ଏହି ମେଳାରେ ଅସ୍ଥି



ଲୋକେ ମେଳାକୁ ଆସୁଛନ୍ତି।

ବିସର୍ଜନ କରିବା ପାଇଁ କେବଳ ମୟୂରଭଞ୍ଜ ନୁହେଁ ଓଡ଼ିଶାର ବିଭିନ୍ନ ଜିଲାର ସାନ୍ତାଳ ସମ୍ପ୍ରଦାୟ ପରିବାର ସମେତ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ଓ ଝାଡଖଣ୍ଡରୁ ଏହି ପରିବାର ମଧ୍ୟ ଏଠାରେ ଏକତ୍ରିତ ହୋଇଥାନ୍ତି। କାହିଁ କେଉଁ ଆଦିମ କାଳରୁ ଚାଲି ଆସୁଛି ଏହି ପରମ୍ପରା। ଲୋକେ ନିଜର ଆତ୍ମୀୟଙ୍କ ଅସ୍ଥିକୁ ଧରି ନାଚଗୀତ ମାଧ୍ୟମରେ ନଦୀ ଘାଟକୁ ନେଇଥିବା ଦେଖିବାକୁ ମିଳିଛି। ସେଠାରେ ସେମାନେ ଲଣ୍ଡା ହେବା ସହ ଅସ୍ଥିକୁ ପାଣିରେ ବିସର୍ଜନ କରିଛନ୍ତି। ମେଳାରେ ବିଭିନ୍ନ ଦୋକାନ ପଡ଼ିବା ସହ ଆଦିବାସୀଙ୍କ ପାରମ୍ପରିକ ଲୁଗାପଟା ମଧ୍ୟ ବିକ୍ରି ହେଉଛି। ଏହି ମେଳାର ଆୟୋଜନ ପାଇଁ ଆୟୋଜକଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ମଧ୍ୟ କରାଯାଇଛି। ବାରିପଦା ପୌର ପରିଷଦ ପକ୍ଷରୁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟତ ହୋଇଛନ୍ତି। ଝାଡଖଣ୍ଡ, ପଶ୍ଚିମବଙ୍ଗ ସମେତ ବାଲେଶ୍ୱର, କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡା ଏବଂ ଅନ୍ୟ ଜିଲାଗୁଡିକରୁ ସାନ୍ତାଳ ସମ୍ପ୍ରଦାୟର ଲୋକେ ଆସି ଏଠାରେ ସମୂହ ଅସ୍ଥି ବିସର୍ଜନ କରିଥାନ୍ତି।

## ଭଦ୍ରକ, କଟକ ଦଳ ଫାଇନାଲରେ



ସେମି ଫାଇନାଲ ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

### ସତ୍ୟସ୍ୱରୂପ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

**ଉଦଳା,୧୭।୧(ଡ଼ି.ଏନ୍.ଏ.)**

ତୃତୀୟ ରାଜ୍ୟସ୍ତରୀୟ ସତ୍ୟସ୍ୱରୁପ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲକୁ ପ୍ରବେଶ କରିଛନ୍ତି ଭଦ୍ରକ ଏବଂ କଟକ କ୍ରିକେଟ ଦଳ। ଶୁକ୍ରବାର ଏହି ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମ ସେମିଫାଇନାଲ ମ୍ୟାଚ୍ ଭଦ୍ରକର ଚରମ୍ପା କ୍ରିକେଟ ଏକାଡେମୀ ଏବଂ ବାରିପଦା ଡିଆରକେ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ୍ ଜିତି ବାରିପଦା ଡିଆରକେ ଦଳ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ୧୧୬ ରନ୍ କରିଥିଲା । ଜବାବରେ ଭଦ୍ରକ ଚରମ୍ପା କ୍ରିକେଟ ଏକାଡେମୀ ଦଳ ୫ ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସୂର୍ଯ୍ୟ ମହାପାତ୍ର ସର୍ବାଧିକ ୩୫ ରନ୍ କରିଥିଲେ । ଏହା ସହିତ ପ୍ରଥମ ଫାଇନାଲିଷ୍ଟ ଟିମ୍ ଭାବେ ଭଦ୍ରକ ଚରମ୍ପା କ୍ରିକେଟ୍ ଏକାଡେମୀ ଫାଇନାଲକୁ ପ୍ରବେଶ କରିଥିଲା । ଏହା ପରେ ଆୟୋଜିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ କଟକ ୟୁନିକ୍ ସ୍ପୋର୍ଟିଂ କ୍ଲବ ଏବଂ ବାଲେଶ୍ୱର ୟୁ ଆଣ୍ଡ ମି ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ୍ ଜିତି ବାଲେଶ୍ୱର ୟୁ ଆଣ୍ଡ ମି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ଓଭରରେ ୧୦୦ ରନ କରିଥିଲା । ଏହାର ଜବାବରେ କଟକ ୟୁନିକ୍ ସ୍ପୋର୍ଟିଂ କ୍ଲବ ୧୩ ଓଭରରେ ୪ ୱିକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚର ବିଜେତା ହୋଇଥିଲା । ଏହା ସହିତ ଦ୍ୱିତୀୟ ଫାଇନାଲିଷ୍ଟ ଦଳ ଭାବେ କଟକ ୟୁନିକ୍ ସ୍ପୋର୍ଟିଂ କ୍ଲବ ଫାଇନାଲକୁ ପ୍ରବେଶ କରିଛି । ଶନିବାର ଆୟୋଜିତ ହେବାକୁ ଥିବା ଫାଇନାଲ ମ୍ୟାଚରେ କଟକ ୟୁନିକ ସ୍ପୋର୍ଟିଂ କ୍ଲବ ଭଦ୍ରକ ଚରମ୍ପା କ୍ରିକେଟ ଏକାଡେମୀକୁ ଭେଟିବ ବୋଲି ଜଣାଯାଇଛି ।

## ବେଲପାଳ, ଶଙ୍କୁଚାରେ ପୂର୍ବପୁରୁଷଙ୍କୁ ପିଣ୍ଡଦାନ



ଦାମୋଦର ମେଳାରେ ଲଣ୍ଡା ହୋଇ ବୁଡ଼ ପକାଇ ପୂର୍ବ ପୁରୁଷଙ୍କ ଅସ୍ଥି ବିସର୍ଜନ କରାଯାଉଛି।

**ବଡସାହି,୧୭।୧(ସ୍ୱ.ପ୍ର)–** ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ଲୋକଙ୍କ ପରମ୍ପରା ଓ ସଂସ୍କୃତିସହ ଜଡିତ ମହାନ ପର୍ବ ଦାମୋଦର ମେଳା ଶୁକ୍ରବାର ବେଲପାଳ ବୁଢାବଳଙ୍ଗ ନଦୀର ସଲମା ଆୟ ଅସ୍ତି ବିସର୍ଜନ ତ୍ରିବେଣୀ ଘାଟରେ ଅନୁଷ୍ଠିତ ହୋଇଯାଇଛି । ଏହି ମେଳା ଦୁଇ ଦିନ ଧରି ଚାଲିବାକୁ ଥିବା ବେଳେ ସାନ୍ତାଳ ସମ୍ପ୍ରଦାୟର ସହସ୍ରାଧିକ ଲୋକ ପୂର୍ବ ପୁରୁଷଙ୍କ ପାଇଁ ଦିନଟିଏ ଅର୍ପଣ କରି ପିଣ୍ଡଦାନ ଓ ଅସ୍ଥି ବିସର୍ଜନ କରିବା ସହ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଛନ୍ତି । ପାରମ୍ପରିକ ବେଶ, ପୋଷାକ, ନୃତ୍ୟ, ଗୀତରେ ଦାମୋଦର ଘାଟ କୋଳାହଳମୟ ହୋଇପଡ଼ିଥିଲା। ଦାନ ପାଇଁ ବିଭିନ୍ନ ଜିନିଷକୁ ଭାର ସାହାର୍ଯ୍ୟରେ ବୋହି ଦାମୋଦର ଘାଟରେ ପହଞ୍ଚିବା ଦୃଶ୍ୟ ବେଶ୍ ଆକର୍ଷଣୀୟ ଥିଲା । ଘାଟକର୍ମ କରିବା ପାଇଁ ଏହି ସମ୍ପ୍ରଦାୟର ଲୋକମାନେ ଲଣ୍ଡା ହୋଇ ତ୍ରିବେଣୀ ଘାଟରେ ବୁଡ ପକାଇ ନୂଆ ଲୁଗା ପିନ୍ଧି ପୂର୍ବ ପୁରୁଷଙ୍କୁ ପିଣ୍ଡଦାନ କରିବା ସହ ଓ ଅସ୍ତି ବିସର୍ଜନ କରିଥିଲେ। ବଡସାହି ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରୁ ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ଲୋକମାନେ ଦାମୋଦର ମେଳାକୁ ଯାଇ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେଇଥିବା ଦେଖିବାକୁ ମିଳିଥିଲା। ସେହିପରି ଚନ୍ଦନପୁର ପଞ୍ଚାୟତ ଶଙ୍କୁଚା–ଡିଙ୍ଗିରା ବୁଢାବଳଙ୍ଗ ନଦୀ ଘାଟରେ ଏହି ମେଳା ଅନୁଷ୍ଠିତ ହୋଇଯାଇଛି। ଦୁଇଟି ସ୍ଥାନରେ ପ୍ରାୟ ୩ହଜାରରୁ ଉର୍ଦ୍ଧ୍ୱ ଲୋକ ଉପସ୍ଥିତ ରହି ଅସ୍ଥି ବିସର୍ଜନ କରିଥିଲେ।

## ଶମୀବୃକ୍ଷ ପୀଠରେ ସାହିତ୍ୟ ଆସର

**କପ୍ତିପଦା,୧୭।୧(ଡି.ଏନ.ଏ.)**

କପ୍ତିପଦା ବ୍ଲକ କୁଲିଅଲମ ଓ ଦେବାଳା ପଞ୍ଚାୟତର ସୀମା ନିର୍ଦ୍ଧାରଣ କରୁଥିବା ପୁରାଣ ପ୍ରସିଦ୍ଧ ଶମୀବୃକ୍ଷ ପୀଠରେ ମକର ମେଳା ଧୂମଧାମରେ ଚାଲିଛି। ଏହି ଅବସରରେ ଏକ ସାହିତ୍ୟ ଆସର ଶମୀବୃକ୍ଷ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ମାଟିଫୁଲ ପତ୍ରିକାର ସମ୍ପାଦକ ବସନ୍ତ କୁମାର ରାଉଳ ଏହି ସାହିତ୍ୟ ଆସରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଶମୀବୃକ୍ଷ ସାହିତ୍ୟ ସଂସଦର ସଭାପତି କବି ଇନ୍ଦ୍ରମଣୀ ବିନ୍ଧାଣୀଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଶିକ୍ଷାବିତ ଲେଖକ ରବିକାନ୍ତ ମହାପାତ୍ର , ବିଶେଷ ଅତିଥି ଖବରଦାତା ମଧୁସୁଦନ ନନ୍ଦ, ସମ୍ମାନନୀୟ ଅତିଥିଭାବେ ଶିକ୍ଷାବିତ ପ୍ରଫୁଲ୍ଲ ମହାଳିକ ଓ ଗଙ୍ଗାଧର ଦାସ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଆସରକୁ ସଂଯୋଜନା କରିଥିଲେ ଶକୁନ୍ତଳା ମହାନ୍ତ ଓ ପ୍ରଫୁଲ୍ଲ ଖିଲାର। ଏଥିରେ ଉପସ୍ଥିତ କବୟିତ୍ରୀ ଓ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ମନୋରଞ୍ଜନ ମଲ୍ଲିକ ଅତଥି ପରିଚୟ ପ୍ରଦାନ କରିଥିବା ବେଳେ ଶମୀବୃକ୍ଷ ସାହିତ୍ୟ ସଂସଦର ସମ୍ପାଦକ ପ୍ରଫୁଲ୍ଲ କୁମାର ଖିଲାର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସଦସ୍ୟ ନରୋତ୍ତମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଝାରପୋଖରିଆ,୧୭।୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅନ୍ତର୍ଗତ ଶୀର୍ଷା ଶାଖା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୪ର୍ଥ ବାର୍ଷିକ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ମିନି ଫିଲିପଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସାରସକଣା ତହସିଲଦାର ମୋହିନୀମୋହନ ନାୟକ ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସସ୍ମିତା ମୁଣ୍ଡା, ପରିଚାଳନା କମିଟି ସଦସ୍ୟ ସୁଧୀରଚନ୍ଦ୍ର ସାହୁ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଶୀର୍ଷା ଶାଖାର ପରିଚାଳକ ଅବିନାଶ ରାଉତ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ଅଧକ୍ଷା ମିନି ଫିଲିପ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ସୌରଭ ଦେ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଲିନା ଏକ୍କା ସଭା ପରିଚାଳନା କରିଥିବା ବେଳେ ମଧୁସ୍ମିତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## 'ଅଧ୍ୟବସାୟ ଜାରି ରହିଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସମ୍ଭବ'

### ପରମାଣୁ ଗବେଷଣା କେନ୍ଦ୍ର ନିର୍ଦ୍ଦେଶକଙ୍କ ଖିରିପଦା ଗସ୍ତ

**କୁଆମରା, ୧୭।୧(ଡି.ଏନ.ଏ.)**

ମୟୂରଭଞ୍ଜ ମାଟିର ଗର୍ବ ଓ ଗୌରବ ତଥା ବମ୍ବେ ସ୍ଥିତ ଭାବା ପରମାଣୁ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଓଡ଼ିଆ ବୈଜ୍ଞାନିକ ଅଜିତ କୁମାର ମହାନ୍ତି ଶୁକ୍ରବାର ଗୋପବନ୍ଧୁ ନଗର ବ୍ଲକ ନିଜ ଜନ୍ମଭୂମିରେ ପାଦ ଥାପିଥିଲେ। ଦିନିକିଆ ଗସ୍ତରେ ଆସି ଆରପଟା ପଞ୍ଚାୟତ ସ୍ଥିତ ଖିରିପଦା ହରିବଳଦେବ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଏକ ବିଜ୍ଞାନ ସମ୍ମିଳନୀ ତଥା ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଅଧ୍ୟବସାୟ ଓ ସାଧନା ଜାରି ରହିଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସମ୍ଭବ ବୋଲି ମତବ୍ୟକ୍ତ କରିବା ସହ ବିଭିନ୍ନ ଅଣୁ ଓ ପରମାଣୁ ସମ୍ବନ୍ଧରେ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ଭାବେ ପୁନ୍ଦାଳ ହାଇସ୍କୁଲ ପ୍ରଧାନ ଶିକ୍ଷକ ନୃସିଂହ ଚରଣ ସ ଯୋଗ ଦେଇ ବିଜ୍ଞାନକୁ ବାଦ ଦେଇ ବଞ୍ଚିବା ଅସମ୍ଭବ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନାତନ ଜେନା ଏବଂ ଶିକ୍ଷାବିତ୍ ଗୌରମୋହନ ବେହେରା ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପରିଡା ଅଧକ୍ଷତା କରିଥିବାବେଳେ ଶିକ୍ଷକ ବଙ୍କିମ ବାରିକ ମଞ୍ଚ ପରିଚାଳନା କରିଥିଲେ। ବୈଜ୍ଞାନିକ ମହାନ୍ତିଙ୍କୁ ଜନ୍ମଭୂମିରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ଡ. ନୀଳକଣ୍ଠ ମିଶ୍ର ସମ୍ବର୍ଦ୍ଧିତ



ଡ.ନୀଳକଣ୍ଠ ମିଶ୍ରଙ୍କୁ ସମ୍ମାନିତ କରାଯାଉଛି।

**ବାରିପଦା ଅଫିସ,୧୭।୧**

ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ବାଲେଶ୍ୱର ଶାନ୍ତିନିକେତନ ପରିସରରେ ଆୟୋଜିତ ଫକୀରମୋହନଙ୍କ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରସାର ଲାଗି ଡ.ନୀଳକଣ୍ଠ ମିଶ୍ରଙ୍କୁ ଫକୀରମୋହନ ସମ୍ମାନରେ ସମ୍ମାନୀତ କରାଯାଇଛି। ଡ.ମିଶ୍ର ୩୦ ବର୍ଷ ଧରି ବାରିପଦା ରଥଯାତ୍ରା ସମୟରେ ଧାରାବିବରଣୀ ପ୍ରଦାନ କରି ଆସୁଥିବା ବେଳେ ମହାପ୍ରଭୁ ଜଗନ୍ନାଥଙ୍କୁ ଆଧାର କରି ନୀଳାଦ୍ରୀସୁନ୍ଦର ମହାକାବ୍ୟ ରଚନା କରିଛନ୍ତି। ଡ. ନୀଳକଣ୍ଠ ପୂର୍ବରୁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ ହେବା ସହିତ ଉତ୍ତର ଓଡ଼ିଶା ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଭୂମିପୁତ୍ର ସମ୍ମାନରେ ସମ୍ମାନୀତ ହୋଇଛନ୍ତି। ଡ. ମିଶ୍ରଙ୍କୁ ଏହି ଅବସରରେ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

## ବିନୋଦବିହାରୀ ଆଞ୍ଚଳିକ କଲେଜର ରୌପ୍ୟଜୟନ୍ତୀ

**ରାସଗୋବିନ୍ଦପୁର, ୧୭।୧ (ଡି.ଏନ.ଏ)**

ରାସଗୋବିନ୍ଦପୁରସ୍ଥିତ ବିନୋଦବିହାରୀ ଆଞ୍ଚଳିକ ମହାବିଦ୍ୟାଳୟର ରୌପ୍ୟଜୟନ୍ତୀ ସମାରୋହ ଉଦଘାଟିତ ହୋଇଯାଇଛି। ତିନି ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବର ସଭାପତି ଡ. ଆଦିତ୍ୟ ପଟ୍ଟନାୟକଙ୍କ ଆବାହକତ୍ୱରେ ଆୟୋଜିତ ଏହି ସଭାରେ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ ମୁଖ୍ୟଅତଥି ଭାବେ ଯୋଗଦେଇ ଥିଲେ। ବିଶିଷ୍ଟ ଅତିଥି ଭାବେ ମୋରଡା ବିଧାୟକ ରାଜକିଶୋର ଦାସ, ମୁଖ୍ୟବକ୍ତା ଭାବେ ରାଜ୍ୟ କୃଷି ଶିଳ୍ପ ନିଗମ ଅଧକ୍ଷ ଦେବାଶିଷ ମହାନ୍ତି, ସମ୍ମାନନୀୟ ଅତିଥିଭାବେ ପୂର୍ବତନ ବାରିପଦା ବିଧାୟକ ଛତିଶଚନ୍ଦ୍ର ଧଳ, ସମାଜସେବୀ ଗୀତାଞ୍ଜଳି ପଟ୍ଟନାୟକ, ସ୍ଥାନୀୟ ଅଗ୍ନିଶମ ଅଧିକାରୀ ଶ୍ରୀଧର ମହାଳିକ ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ତଥା ରୌପ୍ୟଜୟନ୍ତୀ କମିଟି ସାଧାରଣ ସମ୍ପାଦକ ଡ. ବସନ୍ତ ମହାନ୍ତ ସମ୍ପାଦକୀୟ ବିବରଣୀ ପାଠ କରିବା ସହିତ ସ୍ୱାଗତଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରାତନ ଛାତ୍ର ଅରୁଣ କୁମାର ମହାନ୍ତି, ବିଶ୍ୱଜିତ ଦାସ, କମିଟି କୋଷାଧକ୍ଷ ଅଶୋକକୁମାର ମହାନ୍ତି, ତନ୍ମୟକୁମାର ମହାନ୍ତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହିଅବସରରେ ଛାତ୍ରୀ ଲୀନା ରାଉଳଙ୍କୁ ଶିକ୍ଷାଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ଅପରାହ୍ନରେ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଏବଂ ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## କାଳିଆମି ଗାଁରେ ଟୁସୁ ମେଳା

**ବାଙ୍ଗିରିପୋଷି,୧୭।୧(ଡ଼ି.ଏନ୍.ଏ.)**

ବାଙ୍ଗିରିପୋଷି ପଞ୍ଚାୟତ ଅନ୍ତର୍ଗତ କାଳିଆମି ଗ୍ରାମର ମହାଲିସାହି ଯୁବକ ସଂଘ ଆନୁକୂଲ୍ୟରେ ବୁଢାବଳଙ୍ଗ ନଦୀ ତଟରେ ଟୁସୁ ମେଳା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ୧୦ ହଜାରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିଲେ। ୭ଟି ଟୁସୁ ପ୍ରତିମା ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଶ୍ରେଷ୍ଠ ଟୁସୁ ପ୍ରତିମା ଭାବରେ ନିଶ୍ଚିନ୍ତା ପଞ୍ଚାୟତର ଅସନବଣୀ ଟୁସୁ କମିଟି, ଦ୍ୱିତୀୟ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଚାଉଳଘୋରୀ ଟୁସୁ କମିଟି ଏବଂ ତୃତୀୟ ବିଜେତା ଭାବେ ନିଶ୍ଚିନ୍ତା ପଞ୍ଚାୟତର ନିଶ୍ଚିନ୍ତା ଗ୍ରାମର ଟୁସୁ ସଂଘକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟାନ୍ୟ ପ୍ରତିମାଗୁଡିକୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଗଣେଶ ଚନ୍ଦ୍ର ମହାନ୍ତ, ରବୀନ୍ଦ୍ର ନାଥ ମହାନ୍ତ, ବୁଧୁରାମ ସିଂ, ପରମେଶ୍ୱର ମାହାଲି, ରବୀନ୍ଦ୍ର ମାହାଲି, ବୁଧୁରାମ ସିଂ, ପୂର୍ଣ୍ଣ ମାହାଲି, ଅମିତ ମହାନ୍ତ, ବିଶ୍ୱଜିତ ମହାନ୍ତ, ପିତାରାମ ମାହାଲି ପ୍ରମୁଖ ମେଳାରେ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ । ପ୍ରତିଯୋଗିତା ଶେଷରେ ଟୁସୁ ଗୀତ ସହିତ ମାଦଳ ବାଦ୍ୟର ତାଳେ ତାଳେ ଟୁସୁ ପ୍ରତିମା ବିସର୍ଜନ କରାଯିବା ଦୃଶ୍ୟ ମନୋରମ ପରିବେଶ ସୃଷ୍ଟି କରିଥିଲା ।



ବିସର୍ଜନ ଲାଗି ଟୁସୁ ପ୍ରତିମା ଶୋଭାଯାତ୍ରାରେ ନିଆଯାଉଛି।

## ବୁଲିଲା ମୋ ସରକାର ଅଭିଯାନ ସଚେତନତା ରଥ

**ବାରିପଦା ଅଫିସ,୧୭।୧**

ମୟୂରଭଞ୍ଜ ଜିଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଓ ଜିଲା ମଙ୍ଗଳ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମଗୁଡିକ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ମୋ ସରକାର ଅଭିଯାନ ସଚେତନାତା ରଥ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ବିଜନ କୁମାର ଥମ୍ବ ଯୋଗ ଦେଇ ସଚେତନତା ରଥ କାର୍ଯ୍ୟକ୍ରମକୁ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀଙ୍କ ମୋ ସରକାର ଅଭିଯାନରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ପଛୁଆ ବର୍ଗ ଓ ସଂଖ୍ୟା ଲଘୁ ବିଭାଗକୁ ଅନ୍ତର୍ଭୁକ୍ତ କରାଯାଇଛି। ଉକ୍ତ ବିଭାଗ ଯୋଜନା କାର୍ଯ୍ୟକ୍ରମରେ ଉକ୍ତ ବର୍ଗର ଜନସାଧାରଣଙ୍କ ଶିକ୍ଷା ଓ ସାମଜିକ ଅର୍ଥନୈତିକ ବିକାଶ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଉନ୍ନୟନ ତଥା ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକ୍ରମ ଗୁଡିକ ସଫଳ ରୂପାୟନ ନିମନ୍ତେ ସଚେତନତା ରଥ କାର୍ଯ୍ୟକ୍ରମ ମାଧ୍ୟମରେ ଜିଲାର ସମସ୍ତ ବ୍ଲକ ଓ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ୬ଟି ସତନ୍ତ୍ର ପ୍ରଚାର ଗାଡି (ସଚେତନତା ରଥ) ମାଧ୍ୟମରେ ବିଭାଗ ଯୋଜନା କାର୍ଯ୍ୟକ୍ରମ ସମ୍ପର୍କରେ ବ୍ୟାପକ ଜନ ସଚେତନତା କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଉଛି। ମୋ ସରକାର ଅଭିଯାନରେ ଅନ୍ତର୍ଭୁକ୍ତ ହୋଇଥିବା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ପଛୁଆ ବର୍ଗ ସଂଖ୍ୟା ଲଘୁ ବିଭାଗ ଅନ୍ତର୍ଗତ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ସଂସ୍ଥା ଓ ଜିଲା ମଙ୍ଗଳ କାର୍ଯ୍ୟାଳୟ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ କରାଯାଉଥିବା ସମସ୍ତ ଉନ୍ନୟନ ପ୍ରକଳ୍ପ ଓ ଜନ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ଗୁଡିକ ଲୋକଙ୍କ ନିକଟରେ ଠିକ ଭାବେ ପହଞ୍ଚାଇବା ଦିଗରେ ୫–ଟି ସୂତ୍ର ଆଧାରରେ ବିଶେଷ ଫଳପ୍ରଦ ଉଦ୍ଦେଶ୍ୟ ନେଇ ସରକାର ଗୁରୁତ୍ୱ ଦେଇଛନ୍ତି। ଏହି ଅଭିଯାନ କାର୍ଯ୍ୟକ୍ରମକୁ ସମ୍ପୃକ୍ତ ବିଭାଗ କ୍ଷେତ୍ର ଅଧିକାରୀ ଓ କର୍ମଚାରୀମାନଙ୍କ ସହଯୋଗରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି।



ଅତିଥିମାନେ ସଚେତନତା ରଥକୁ ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ କକା, ପୁତୁରା ଗୁରୁତର

**ତେଲକୋଇ, ୧୭।୧(ଡି.ଏନ.ଏ.):** ତେଲକୋଇ ଥାନା ବିମଳା ଛକରେ ଏକ ବାଇକ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ବାଇକରେ ଥିବା କକା ସୁଦର୍ଶନ ନାୟକ(୩୦) ଓ ପୁତୁରା ଗଦାଧର ନାୟକ (୨୮) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣାଯିବା ପରେ କେନ୍ଦୁଝର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି।

### ସ୍ନାୟବିକ ଓ ରକ୍ତ ପରୀକ୍ଷା ଶିବିର

**ଖଇରା,୧୭।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡୁଙ୍ଗୁରାଠାରେ ଆରୋଗ୍ୟ ଚିକିତ୍ସାକେନ୍ଦ୍ର ପରିସରରେ ମାଗଣା ସ୍ନାୟବିକ ଓ ରକ୍ତ ପରୀକ୍ଷା ଶିବିର ବୁଧବାର ଅନୁଷ୍ଠିତ ହୋଇ ଯାଇଛି। ବାଲେଶ୍ୱରର ସ୍ନାୟୁ ବିଶେଷଜ୍ଞ ଚିତ୍ତରଞ୍ଜନ କର ଓ ଇଲେକ୍ଟ୍ରୋପାଥି ଡାକ୍ତର ଉପେନ୍ଦ୍ର ପ୍ରସାଦ ଖଟୁଆ ମୋଟ ୭୩ରୋଗୀଙ୍କ ରକ୍ତ ଓ ସ୍ନାୟବିକ ପରୀକ୍ଷା କରିବା ସହ ମାଗଣା ଔଷଧ ପ୍ରଦାନ କରିଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟମାନେ ଏଥିରେ ସହାୟତା କରିଥିଲେ।

### ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



**ଜଳେଶ୍ୱର, ୧୭।୧(ସ୍ୱ.ପ୍ର.):** ବାଲେଶ୍ୱର ଜିଲାର ଜଳେଶ୍ୱର ପୌର ପରିଷଦ କାର୍ଯ୍ୟାଳୟ ମଧରେ ଶୁକ୍ରବାର ପୂର୍ବାହ୍ନରେ ବିଧାୟକ ଅଶ୍ୱିନୀ କୁମାର ପାତ୍ର ୧୨ ବିଧବା ହିତାଧିକାରୀ ଓ ଜଣେ ଭିନ୍ନକ୍ଷମଙ୍କୁ ୩ ମାସର ଭତ୍ତା ୧୫ଶହ ଟଙ୍କା ପ୍ରଦାନ କରିଛନ୍ତି। ଏହି ଅବସରରେ ବାଲେଶ୍ୱର ଉପଜିଲାପାଳ ତଥା ପୌରପ୍ରଶାସକ ନିଲୁ ମହାପାତ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର, ପୂର୍ବତନ ନଗରପାଳ ପ୍ରଦୀପ ପ୍ରଧାନ, ପୂର୍ବତନ କାଉନ୍‌ସିଲର ପ୍ରତୀପ କୁମାର ପ୍ରଧାନ, ଗୁରୁପ୍ରସାଦ ସାମନ୍ତ, ଅର୍ଜନା ଗିରି, ହରିଶ ପ୍ରଧାନ ଓ ବିଜୟ କାମିଲା ପ୍ରମୁଖ ଉପସ୍ଥିତ ଥିଲେ।

### ବାଇକ୍ ଧକ୍କାରେ ୨ ଗୁରୁତର

**କେନ୍ଦୁଝର,୧୭।୧(ସ୍ୱ.ପ୍ର.):** ବାଇକ୍ ଧକ୍କାରେ ୨ ପଥଚାରୀ ଗୁରୁତର ଆହତ ହେଇଛନ୍ତି। ସେମାନଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ହରିଚନ୍ଦନପୁର ବ୍ଲକ ପଣ୍ଡାପଡ଼ା ଥାନା ଅଧୀନ କମାରନାଳି ଗ୍ରାମର ଯଜାତି ଜୁଆଙ୍ଗ(୨୭) ଓ ବରଧ୍ରୁବ ଜୁଆଙ୍ଗ(୧୯) ଚାଲିଚାଲି ଯାଉଥିଲା ବେଳେ ଗୁରୁବାର ସନ୍ଧ୍ୟାରେ ଆଡ଼କଟା ଛକ ନିକଟରେ ସେହି ଗ୍ରାମର ବାଇକ୍ ଆରୋହୀ ଦୀପକ ଜୁଆଙ୍ଗ(୨୫) ଭାରସ୍ୟାମ ହରାଇ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ପଡ଼ିଯାଇ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ଘଟାଇଥିବା ଯୁବକ ଜଣଙ୍କ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।



ଜିଲାସ୍ତରୀୟ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପନୀ ସଭାରେ ଉପସ୍ଥିତ ଅତିଥି।

# ଗ୍ରାମାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ

**ଜିଲାସ୍ତରୀୟ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ**

**ବାଲେଶ୍ୱର ଅଫିସ, ୧୭।୧**

ବାଲେଶ୍ୱର ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ୩୧ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ଶୁକ୍ରବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସମ୍ମିତ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେବା ପାଇଁ ଆହ୍ୱାନ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାଷ ନିଆଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ କୁମାର ଚୌଧୁରୀ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବେ ଉପ ଆରକ୍ଷୀ ଅଧୀକ୍ଷକ ଉମେଶ ପଣ୍ଡା ଟ୍ରାଫିକ ନିୟମ କଡାକଡି ଭାବେ ଲାଗୁ କରିବା ଦିଗରେ ପୋଲିସ ସର୍ବଦା ତତ୍ପରତା ପ୍ରକାଶ କରୁଛି ବୋଲି କହିଥିଲେ। ବିଟିସିସିର ସମ୍ପାଦକ ନରେନ୍ଦ୍ର ବିହାରୀ ଦାସ ଆଗାମୀ ଦିନରେ ସହରରେ ଲାଗିଥିବା ବୈଦ୍ୟୁତିକ ଡିସପ୍ଲେ ବୋର୍ଡରେ ସିଡି ମାଧ୍ୟମରେ ସଚେତନତା କରିବା ଉପରେ ପ୍ରସ୍ତାବ ରଖିଥିଲେ। ସହର ମଧ୍ୟସ୍ଥଳରେ ଥିବା କନଭେଂଟ ସ୍କୁଲରେ ଟ୍ରାଫିକ୍ ଜାମ୍‌କୁ ସୁଧାରିବା ପାଇଁ ପଦକ୍ଷେପ ନେବାକୁ ଅନେକ ସଦସ୍ୟ ଦାବି ଜଣାଇଥିଲେ। ଗଣମାଧ୍ୟମ ତରଫରୁ ମନୋଜ ରାଉଳ ସ୍କୁଲକୁ ଛାତ୍ରଛାତ୍ରୀମାନଙ୍କୁ ନେବା ଆଣିବା କରୁଥିବା ଅଟୋଗୁଡିକରେ ଯେପରି ଓଭରଲୋଡିଂ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚଳିତବର୍ଷ ସଚେତନତା ସପ୍ତାହ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ବାଲେଶ୍ୱର ଟାଉନ ହାଇସ୍କୁଲର ୭ମ ଶ୍ରେଣୀ ଛାତ୍ରୀ ଜୁନିୟର ବର୍ଗର ଚିତ୍ରାଙ୍କନରେ ସାରା ରାଜ୍ୟର ପ୍ରଥମ ହୋଇଥିବା ବେଳେ ସ୍ଲୋଗାନ ପ୍ରତିଯୋଗିତାରେ ସ୍ନେହା ଦାସ ତୃତୀୟ, ସାଧାରଣ ସ୍ଲୋଗାନ ପ୍ରତିଯୋଗିତାରେ ଚିନ୍ମୟୀ ପ୍ରିୟଦର୍ଶିନୀ ଜେନା ତୃତୀୟ ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଥିବାରୁ ସେମାନଙ୍କ ପାଇଁ ଜିଲା ଗୌରବାନ୍ୱିତ ବୋଲି କୁହାଯାଇଥିଲା। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଆଗାମୀ ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବ। ଯାନବାହାନ ନୀରିକ୍ଷକ ବିଶ୍ୱଜିତ ଦାସ ଧନ୍ୟବାଦ ଦେଇଥିଲେ।

# ପ୍ରଧାନମନ୍ତ୍ରୀଙ୍କ ‘ପରୀକ୍ଷା ପର ଚର୍ଚ୍ଚା’ରେ ଅଂଶଗ୍ରହଣ କରିବେ ସ୍ୱସ୍ତିକ



ସ୍ୱସ୍ତିକ ଦାସମହାପାତ୍ର

**ରାଇରଙ୍ଗପୁର,୧୭।୧(ଡି.ଏନ୍.ଏ.):** ଚଳିତ ଜାନୁୟାରୀ ୨୦ରେ ନୂଆଦିଲ୍ଲୀସ୍ଥିତ ତାଲକୋଟରା ଷ୍ଟାଡିୟମରେ ରାଷ୍ଟ୍ରୀୟ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ‘ପରୀକ୍ଷା ପର ଚର୍ଚ୍ଚା’ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ନେଇ ସମଗ୍ର ଭାରତରୁ ୨୨ ହଜାର ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଛି। ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ମନୋନୀତ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମୟୂରଭଞ୍ଜ ଜିଲା ଉପାନ୍ତ ରାଇରଙ୍ଗପୁର ଅଞ୍ଚଳସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ସ୍ୱସ୍ତିକ ଦାସମହାପାତ୍ର ମନୋନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ମନୋନୀତ ହୋଇଥିବା ଛାତ୍ରୀଛାତ୍ରଙ୍କୁ ତାଙ୍କର ପ୍ରସ୍ତୁତ ପ୍ରଶ୍ନପତ୍ରକୁ ପିଏମ୍‌ଓ କାର୍ଯ୍ୟାଳୟକୁ ପଠାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରିବା ସହ ସିଧାସଳଖ ଆଲୋଚନା କରିବେ।ଏହି ପରୀକ୍ଷା ପର ଚର୍ଚ୍ଚା କାର୍ଯ୍ୟକ୍ରମରେ ରାଜ୍ୟରୁ ମନୋନୀତ ଛାତ୍ରୀଛାତ୍ର ତାଙ୍କର ଗସ୍ତ ଏବଂ ରହିବା ଏବଂ ଖାଇବା ସକାଶେ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ସ୍ୱସ୍ତିକ ଜଣେ ମେଧାବୀ ଛାତ୍ର ଏବଂ ସଙ୍ଗୀତ ପ୍ରତି ତାଙ୍କର ରୁଚି ରହିଛି। ଏ ସମ୍ପର୍କରେ ସ୍ୱସ୍ତିକ କହନ୍ତି ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପର ଚର୍ଚ୍ଚା କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ସହ ସିଧାସଳଖ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ମନୋନୀତ ହୋଇଥିବାରୁ ମୁଁ ନିଜକୁ ଗର୍ବିତ ମନେ କରୁଛି। ମାତାପିତା ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଆଶିର୍ବାଦରୁ ଏହି ସଫଳତା ମିଳିଛି। ରାଇରଙ୍ଗପୁର ସବ୍‌ଡିଭିଜନ ଟିରିଂ ବ୍ଲକ୍ ବଡ଼ତାଳିମା ପାର୍ବତୀ ଉଚ୍ଚ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବଳଦାସ ମହାପାତ୍ର ଏବଂ ହିନ୍ଦୀ ଶିକ୍ଷୟିତ୍ରୀ ସସ୍ମିତା ଦାସ ମହାପାତ୍ରଙ୍କ ପୁତ୍ର ହେଉଛନ୍ତି ସ୍ୱସ୍ତିକ।

# ଉତ୍ସର୍ଗୀକୃତ ହେଲା ପାଠାଗାର

**କୁପାରୀ ବଣିକ ସଂଘର ଅଭିନବ ପ୍ରୟାସ**

**ଖଇରା,୧୭।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଅଧୀନ କୁପାରୀ ବଣିକ ସଂଘ ପକ୍ଷରୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଏକ ପାଠାଗାର ମକର ସଂକ୍ରାନ୍ତିରେ ଉତ୍ସର୍ଗୀକୃତ ହୋଇଛି। କାଳୀମଣ୍ଡପ ପରିସରରେ ଚାଲିବାକୁ ଥିବା ଏହି ପାଠାଗାରକୁ ପ୍ରାକ୍ତନ ଶିକ୍ଷକ ରବୀନ୍ଦ୍ର ଦାସ ଓ ଇନ୍ଦ୍ରମଣି ରାଉତ ଉଦ୍‌ଘାଟନ କରିଥିଲେ। କୁପାରୀ ପଞ୍ଚାୟତର ସରପଞ୍ଚ ଭବଜ୍ୟୋତ୍ସ୍ନା ନାୟକ ଓ ସମିତିସଭ୍ୟା ସୁନୀତା ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପାଠାଗାର କେବଳ ଛାତ୍ରୀଛାତ୍ରୀ ଯୁବଗୋଷ୍ଠୀଙ୍କ ମଧ୍ୟରେ ଜ୍ଞାନ ବଢାଇବ ନାହିଁ ବରଂ ଏହି ପର୍ଯ୍ୟଟନ କ୍ଷେତ୍ରର ଶୋଭା ବଢାଇବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ମା’ ଅମ୍ବିକା ସାହିତ୍ୟ ସଂସଦର ସଭାପତି ଡା ଉମେଶ ମହାନ୍ତି, ବଣିକ ସଂଘର ସଭାପତି ଅଶୋକ ଗୁପ୍ତା, ସମ୍ପାଦକ ମାନସ ପରିଡା, ଧରିତ୍ରୀ ବିତରକ ସୁରେନ୍ଦ୍ର ପଣ୍ଡା, ବିଶ୍ୱରଞ୍ଜନ ମହାପାତ୍ର, ରାଧାକାନ୍ତ ପାତ୍ର, ବନମାଳି ପାଢୀ, ଜଗନ୍ନାଥ ମହାପାତ୍ର, ଅକ୍ଷୟ ଜେନା, ଅଜୟ ମହାପାତ୍ର, ଶୂନ୍ୟମଣ୍ଡପ ପରିଚାଳନା ସମିତିର ସମ୍ପାଦକ ଶରତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ପାଠାଗାର ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।

# କୁକୁଡ଼ା ପାଳନ ତାଲିମ ଶିବିର

**ରେମୁଣା,୧୭।୧(ଡି.ଏନ.ଏ.):** ଓଡ଼ିଶା ଜୀବୀକା ମିଶନ ସହଯୋଗରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦ୍ୱାରା ଜିଲା ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ସଂସ୍ଥା (ଆରସେଟି)ରେ ଚାଲିଥିବା କୁକୁଡ଼ା ପାଳନ ସମ୍ବନ୍ଧୀୟ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଜିଲା ମୁଖ୍ୟ ପଶୁ ଚିକିତ୍ସକ ଡାକ୍ତର ନିତ୍ୟାନନ୍ଦ ଦାସ କୁକୁଡ଼ା ପାଳନର ବିଭିନ୍ନ ବିଷୟ ଉପରେ ଶିବିରାର୍ଥୀଙ୍କୁ ବିସ୍ତୃତ ବୁଝାଇଥିବା ବେଳେ ଉଦଯାପନୀ ଦିବସରରେ ଜୀବିକା ମିଶନର ଜିଲା ପ୍ରକଳ୍ପ ଅଧିକାରୀ ଚନ୍ଦନ ବେହେରା ଯୋଗଦେଇ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଆରସେଟି ନିର୍ଦ୍ଦେଶକ ଉଗ୍ରସେନ ଦାସ ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ନୀଳଗିରି, ଖଇରା ଏବଂ ଭୋଗରାଇ ବ୍ଲକରୁ ପ୍ରାଣୀମିତ୍ର, ଏମବିକେ, ସିଆରପି ଏବଂ ଓ ଏଲଏମ ଆଦିରୁ ୩୦ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଆରସେଟି ପକ୍ଷରୁ ଅଭିଷେକ ସ୍ୱାଇଁ ଏବଂ ମଧୁଲିସା ମହାପାତ୍ର ପରିଚାଳନା କରିଥିଲେ।



ଅତିଥିମାନେ ‘ବଂଶୀସ୍ୱନ’ ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

# ବଂଶୀଧର ପାଠାଗାର ବାର୍ଷିକ ସମାରୋହ

**ରୂପସା, ୧୭।୧(ଡି.ଏନ.ଏ.)**

ଭାଷା ସାହିତ୍ୟ ସମାଜର ହିତ ସାଧନ କରେ। ଏହାକୁ ଉଜ୍ଜୀବିତ ରଖିବା ସମସ୍ତଙ୍କର ନୈତିକ ଦାୟିତ୍ୱ। ଭାଷା ବଞ୍ଚିଲେ ଜାତିର ଉତ୍‌ଥାନ ଘଟେ। ବାସ୍ତବରେ ମଣିଷପଣିଆ ହିଁ ଅସଲ ସାହିତ୍ୟ ବୋଲି ବାଲେଶ୍ୱର ଜିଲା ଅଧୀନ ସିଂଲା ବଂଶୀଧର ପାଠାଗାର ଓ ପଠନ କେନ୍ଦ୍ର ବାର୍ଷିକ ସମାରୋହରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସମାରୋହକୁ ଶିକ୍ଷାବିତ୍ ଗଗନ ବିହାରି ଜେନା ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼ ବିଜୟ କୁମାର ଶତପଥି, ସମ୍ମାନିତ ଅତିଥି ଭାବେ କବି ପ୍ରଶାନ୍ତ ଦାସ, ଯୋଗାଚାର୍ଯ୍ୟ ବଂଶୀଧର ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷାବିତ୍ ପଦ୍ମଲୋଚନ ପାତ୍ର ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ପଠାଗାରର ସଭାପତି ବିଜୟ କୁମାର କର ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ସୁକାନ୍ତ କୁମାର ଗିରି ଅତିଥିପରିଚୟ, ସମ୍ପାଦକ ବ୍ରଜ ମୋହନ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ପତ୍ରିକା ‘ବଂଶୀସ୍ୱନ’ , ଅଧ୍ୟାପକ ନିରଞ୍ଜନ ବେହେରାଙ୍କ ରଚିତ ପୁସ୍ତକ ‘ପ୍ରିୟା ପାଇଁ ପ୍ରୀତି ଝରି, ଜୟନ୍ତୀ ବେହେରାଙ୍କ ‘ଟିକିଲି’, ଶାନ୍ତିଲତା ପଣ୍ଡାଙ୍କ ‘ଅନ୍ୟ ଏକ ଶକୁନ୍ତଳା’ ଉପନ୍ୟାସକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବହୁ ପ୍ରତିଭା ସମ୍ପନ୍ନ ବ୍ୟକ୍ତିଙ୍କୁ ମାନପତ୍ର ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଡ଼ା. ପ୍ରଦୀପ୍ତ କୁମାର ମିଶ୍ର ଓ ବିଜୟ କୁମାର ନନ୍ଦଙ୍କ ମଞ୍ଚ ସଂଯୋଜନାରେ କବିତା ଦରବାର ଅନୁଷ୍ଠିତ ହୋଇଥିଲା। ଶେଷରେ କର୍ମକର୍ତ୍ତା ଭାଗବତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଇମାମୀରେ ଶ୍ରମିକ ସମାବେଶ

**ରେମୁଣା, ୧୭।୧(ଡି.ଏନ.ଏ.):** ବାଲଗୋପାଲପୁରସ୍ଥିତ ଇମାମୀ ପେପର ମିଲ୍‌ସ ଏମ୍ପ୍ଲୋୟଜ୍ ୟୁନିୟନ କାର୍ଯ୍ୟାଳୟରେ ୟୁନିୟନ ପକ୍ଷରୁ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ନୂଆ ଚୁକ୍ତିର ବିଳମ୍ବକୁ ନେଇ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଏଥିରେ ୟୁନିୟନ ସଭାପତି ସୁଧୀର ମଙ୍ଗରାଜ ଯୋଗଦେଇ ସମସ୍ୟାର ସମାଧାନ ଦିଗରେ ଉଦ୍ୟମ ଅବ୍ୟାହତ ରହିଛି ଏବଂ ତାହା ସଫଳ ହେବ ବୋଲି କହିଥିଲେ। ଏହି ଅବସରରେ ଶ୍ରମିକ ନେତା ମଙ୍ଗରାଜଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ୧ତାରିଖରେ ବାଲେଶ୍ୱର ଆଲଏଜରେ ଶ୍ରମିକ ସମସ୍ୟା ନେଇ ଆଲୋଚନା ଚାଲିଥିବା ବେଳେ ମଙ୍ଗରାଜ ଅସୁସ୍ଥ ହୋଇପଡିଥିଲେ। ଏକ ସପ୍ତାହ ଚିକିତ୍ସା ପରେ ମଙ୍ଗରାଜ ପ୍ରଥମ କରି ୟୁନିୟନ ଅଫିସକୁ ଆସିଥିଲେ। ଏହି ଅବସରରେ ସେ ଶ୍ରମିକମାନଙ୍କୁ ଏକଜୁଟ ରହିବାକୁ ଆହ୍ୱାନ ଦେଇଥିଲେ। ମନୋରଞ୍ଜନ ମହାଳିକ, ଅନୁପ କୁମାର ନାୟକ, ରଞ୍ଜିତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ୫ ମଦ ବେପାରୀ ଗିରଫ

**ପାଟଣା,୧୭।୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ପାଟଣା ଓ ସାହରପଡା ଅଞ୍ଚଳରେ ଚଢାଉ କରି ବିପୁଳ ପରିମାଣର ଦେଶୀ ମହୁଲି ଓ ବିଦେଶୀ ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ପାଟଣା ଥାନା ସିଲିପଦା ଗ୍ରାମର କୁନି ମହାନ୍ତ, ଚାତରପାଣି ଗ୍ରାମର ଜଗନ୍ନାଥ ନାଏକ, ଖୁଣ୍ଟାପଡା ଗ୍ରାମର ଘନଶ୍ୟାମ ମୁଣ୍ଡା, ଖିରେଇଟାଙ୍ଗିରି ଗ୍ରାମର ଆଶିଷ ପ୍ରଧାନ ଓ ଟାଙ୍ଗରପଡା ଗ୍ରାମର ମଙ୍ଗୁଳି ମୁଣ୍ଡା।

# ସଂସ୍କୃତି ପରିଷଦ ପକ୍ଷରୁ ସୂର୍ଯ୍ୟପୂଜା

**ବାହାନଗା,୧୭।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁରଠାରେ ଥିବା ସଂସ୍କୃତି ପରିଷଦ ତରଫରୁ ସୂର୍ଯ୍ୟପୂଜା ଅନୁଷ୍ଠିତ ହୋଇଯାଇଛି। ମକର ସଂକ୍ରାନ୍ତିରେ ସୂର୍ଯ୍ୟଙ୍କର ଉତ୍ତରାୟଣ ଦିବସ ହିନ୍ଦୁମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଆଣିଥାଏ। ଏହି ଦିବସଠାରୁ ପୂଜା କାର୍ଯ୍ୟ ନିମନ୍ତେ ପଞ୍ଜିକା ଗୁଡିକରୁ ନିର୍ଦ୍ଦେଶ ମିଳିଥାଏ। ଏହି ଅବସରରେ ଗୋପାଳପୁର ସଂସ୍କୃତି ପରିଷଦ ତରଫରୁ ସାମୂହିକ ସୂର୍ଯ୍ୟପୂଜା ଗୋପାଳପୁର ମଣିଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଶତାଧିକ ଛାତ୍ରୀଛାତ୍ର ପରିଷଦର କର୍ମକର୍ତ୍ତା ସମେତ ସାଧାରଣ ଶ୍ରଦ୍ଧାଳୁ ଉପସ୍ଥିତ ରହି ସୂର୍ଯ୍ୟପୂଜାରେ ଏକତ୍ରିତ ହୋଇ ସପ୍ତ ଅଞ୍ଜୁଳା ଅର୍ଘ ପ୍ରଦାନ ସହିତ ସୂର୍ଯ୍ୟ ଦେବଙ୍କୁ ବନ୍ଦାପନା ଏବଂ ସପ୍ତଫଳ ନୈବେଦ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାତଃସ୍ନାନ ଓ ସୂର୍ଯ୍ୟପୂଜା ଏହି ଦିବସରେ ଏକ ମହାନ ଅଙ୍ଗ ବୋଲି ବିବେଚିତ ହୋଇଥାଏ ବୋଲି ଉପସ୍ଥିତ କର୍ମକର୍ତ୍ତା ଓ ଅତିଥିମାନେ ମତ ରଖିଥିଲେ। ପରେ ଏକ ସାଧାରଣ ସଭାରେ ଦିବସର ମହାତ୍ମ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ ପଣ୍ଡିତ ରମାକାନ୍ତ ଦାଶ ଶର୍ମା। ଏଥିରେ ଗିରିଶ୍ ଚନ୍ଦ୍ର ଦାଶ, ଗୋପାଳପୁର ସରପଞ୍ଚ ଯୋଗେଶ ଚନ୍ଦ୍ର ପତି, ଅଶ୍ୱନୀ ମହାପାତ୍ର, ନରେନ୍ଦ୍ର ପ୍ରସାଦ ବୁଗୁଡେଇ, କମଳାକାନ୍ତ ଦାସ,ଅଭିରାମ ସାହୁ, ଧରଣୀଧର ପାତ୍ର, ରବିନ୍ଦ୍ର ମିଶ୍ର,ଦିବାକର ସାହୁ,ପଦ୍ମଲୋଚନ ବେହେରା, ସୁଦର୍ଶନ ମହାପାତ୍ର, ହରିଶ୍ଚନ୍ଦ୍ର ଯେନା, ସବିତା ଅଗସ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# କେନ୍ଦୁଝରରେ ରାଜ୍ୟ ମହିଳା ଆୟୋଗ କ୍ୟାମ୍ପକୋର୍ଟ

**କେନ୍ଦୁଝର, ୧୭।୧ (ସ୍ୱ.ପ୍ର./ଡି.ଏନ୍.ଏ.)**

ରାଜ୍ୟ ମହିଳା ଆୟୋଗ ଆନୁକୂଲ୍ୟରେ ଗୁରୁବାର କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍‌ଠାରେ କ୍ୟାମ୍ପକୋର୍ଟ ଅନୁଷ୍ଠିତ ହୋଇଯାଇଛି। ଆୟୋଗ ଅଧ୍ୟକ୍ଷା ଡ. ମିନତି ବେହେରା, ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି ଏବଂ ଆରତି ସିଂ କୋର୍ଟ ପରିଚାଳନା କରିଥିଲେ। ଅଧ୍ୟକ୍ଷା ଡ. ବେହେରା ଉଦ୍‌ବୋଧନ ଦେଇ କହିଥିଲେ ଯେ, ମହିଳାମାନଙ୍କ ଅଧିକାରର ସୁରକ୍ଷା ପାଇଁ ଆୟୋଗ କାର୍ଯ୍ୟ କରୁଛି। ମହିଳାମାନଙ୍କ ପ୍ରତି ହେଉଥିବା ନିର୍ଯାତନା, ଅତ୍ୟାଚାରକୁ କିପରି ପ୍ରତିହତ କରାଯାଇପାରିବ ସେ ଦିଗରେ ପଦକ୍ଷେପ ନିଆଯାଉଛି। ମହିଳାମାନେ ପାରିବାରିକ ହିଂସା, ନିର୍ଯାତନା, ଅତ୍ୟାଚାରର ଶିକାର ହେଲେ କିପରି ଆୟୋଗଙ୍କ ନିକଟରେ ଅଭିଯୋଗ କରିପାରିବେ ଓ ସେଗୁଡ଼ିକର କିପରି ଶୁଣାଣି କରାଯାଉଛି ସେ ସମ୍ପର୍କରେ କହିଥିଲେ। ସୁଖ ସ୍ୱାଚ୍ଛନ୍ଦ୍ୟ ପାରିବାରିକ ଜୀବନ ପ୍ରତିଷ୍ଠାରେ ମହିଳା ଆୟୋଗ କାର୍ଯ୍ୟ କରୁଛି। ଏଥିଲାଗି ଉଭୟ ପକ୍ଷର ସକରାତ୍ମକ ମନୋଭାବ ରହିବା ନିହାତି ଆବଶ୍ୟକ ବୋଲି ସେ କହିଥିଲେ।




ଦରବାର ହଲ୍‌ଠାରେ ଆୟୋଜିତ କ୍ୟାମ୍ପକୋର୍ଟ।

ଅତିରିକ୍ତ ଜିଲାପାଳ ଡ. ଭକ୍ତଚରଣ ପ୍ରଧାନ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଜିଲା ସମାଜ କଲ୍ୟାଣ ଅଧିକାରୀ ସତ୍ୟପ୍ରିୟଦର୍ଶିନୀ ସାହୁ କ୍ୟାମ୍ପ କୋର୍ଟ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି କ୍ୟାମ୍ପକୋର୍ଟରେ ମିଳିଥିବା ଅଭିଯୋଗ ମଧ୍ୟରୁ ୪୮ଟିର ଶୁଣାଣି ପାଇଁ ନୋଟିସ୍ ଜାରି କରାଯାଇଥିବାବେଳେ ୧୧ଟି ମାମଲାର ଉଭୟ ପକ୍ଷ ଉପସ୍ଥିତ ଥିଲେ। ୧୬ଟି ମାମଲାରେ କେବଳ ଅଭିଯୋଗକାରୀ ଉପସ୍ଥିତ ଥିବାବେଳେ ୮ଟି ମାମଲାରେ କେବଳ ପ୍ରତିପକ୍ଷ ଉପସ୍ଥିତ ଥିଲେ। ସମୁଦାୟ ୩୫ଟି ପକ୍ଷ ଆଜି ରହିଥିଲେ। ସୂଚନାଯୋଗ୍ୟ ଯେ, ୫ଟି ମାମଲା ଉଭୟ ପକ୍ଷଙ୍କ ମଧ୍ୟରେ ମିଳିତ ଆଲୋଚନା ଓ ଆପୋଷ ବୁଝାମଣା ଜରିଆରେ ଫଇସଲା କରାଯାଇଥିଲା। ଗୋଟିଏ ମାମଲାରେ କାର୍ଯ୍ୟାନୁଷ୍ଠାନ ପାଇଁ ଆରକ୍ଷୀ ଅଧୀକ୍ଷକଙ୍କ ନିକଟକୁ ଏବଂ ୨ ମାମଲା ସୁରକ୍ଷା ଅଧିକାରୀ, ୨ ମାମଲା ଜିଲା ଆଇନସେବା ପ୍ରାଧିକରଣ, ଗୋଟିଏ ମାମଲା ସମ୍ପୃକ୍ତ ଅଧିକାରୀଙ୍କୁ ନିକଟକୁ ସୁପାରିଶ କରାଯାଇଥିଲା। ୨୨ ମାମଲାରେ ପକ୍ଷମାନଙ୍କୁ ପୁନର୍ବାର ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୨ଟି ମାମଲା ଖାରଜ କରାଯାଇଥିଲା। ଆୟୋଗର ଆଇନ ଅଧିକାରୀ ଅରବିନ୍ଦ ପଟ୍ଟନାୟକ, କର୍ମକର୍ତ୍ତା ଦେବାଶିଷ ମହାନ୍ତି, ଉମାକାନ୍ତ ସାହୁ, ଦିବାକର ବିଶ୍ୱାଳ ଏବଂ ଚିତ୍ତରଞ୍ଜନ ସାହୁ ପ୍ରମୁଖ କ୍ୟାମ୍ପ କୋର୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ମୁନି ପଡ଼ିଆରେ ମକର ମେଳା

**ବାହାନଗା,୧୭।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତର ମଳଙ୍ଗ ଗ୍ରାମର ଥିବା ବାମଝପା ମୁନି ପଡିଆରେ ମକର ମେଳା ଅନୁଷ୍ଠିତ ହୋଉଛି। ଏହି କାର୍ଯ୍ୟକ୍ରମ ଦୀର୍ଘ ୭ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ତେବେ ମକରସଂକ୍ରାନ୍ତିଠାରୁ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମକୁ ଦେଖିବା ପାଇଁ ଶତାଧିକ ଲୋକଙ୍କ ଭିଡ ହେଉଛି। ତେବେ ସଂକ୍ରାନ୍ତି ଦିନ ନିକଟସ୍ଥ ୪ଟି ଗ୍ରାମର ମହିଳା ଓ ବ୍ଲକ ପାଖାପାଖି ୫ଶହ କଳାକାର କଳସ ଶୋଭଯାତ୍ରାରେ ସାମିଲ ହୋଇଥିଲେ। ବାଜିପୁର, ମଳଙ୍ଗ, ଝଳଝଳିଆ, ପାଇକାସ୍ତା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ମକର ମେଳା ପାଳନ କରାଯାଉଛି। ଆସନ୍ତା ୧୯ତାରିଖ ଓ ୨୦ତାରିଖ ଦୁଇଦିନ ଧରି ବ୍ଲକ ଲୋକ କଳା ସଂଘ ଓ ବାମଝପା ମୁନି କମିଟି ମିଳିତ ଆନୁକୂଲ୍ୟରେ ବ୍ଲକ କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ କୃତୀ କଳାକାରମାନଙ୍କୁ ଦକ୍ଷତା ପ୍ରମାଣପତ୍ର ଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମକୁ ବାମଝପା ମୁନିଙ୍କର ମୁଖ୍ୟ ପରିଚାଳକ ଶଙ୍କର୍ଷଣ ସେଠୀଙ୍କ ଆବାହକତ୍ୱରେ ବ୍ଲକ କଳାକାର ସଂଘର ସଭାପତି ରବୀନ୍ଦ୍ର ଧାମୁଡିଆ ଓ ସମ୍ପାଦକ ଗଜେନ୍ଦ୍ର ଯେନାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳନା ହେଉଛି। ବିଭିନ୍ନ କାର୍ଯ୍ୟକ୍ରମରେ ସବିତା ଅଗସ୍ତି, ଅଶ୍ୱନୀ ମହାପାତ୍ର, ସରପଞ୍ଚ ଯୋଗେଶ ଚନ୍ଦ୍ର ପତି, ସୋମନାଥ ବେହେରା ପ୍ରମୁଖ ସହଯୋଗ କରିଥିଲେ। ତେବେ ଗୁରୁବାର ମକର ମେଳା କମିଟି ତରଫରୁ ସବିତା ଅଗସ୍ତିଙ୍କ ନେତୃତ୍ୱରେ ଅସହାୟ ମହିଳା ଓ ପୁରଷ ମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା।



ମକରମେଳାରେ କଳସ ଶୋଭଯାତ୍ରା କରାଯାଉଛି।

